## ସଂକ୍ଷେପରେ

### ଶିଶୁପୁତ୍ର ସହ ନାବାଳିକା ଉଦ୍ଧାର

**୨ ବର୍ଷ ତଳେ ନିଖୋଜ ଥିଲେ**

ନୟାଗଡ଼,୨।୯(ଲୋକନାଥ ମିଶ୍ର)

ନୟାଗଡ଼ ସଦର ଥାନା ପୋଲିସ ନିଖୋଜ ନାବାଳିକାଙ୍କୁ ୨ ବର୍ଷ ତଳେ ଉଦ୍ଧାର କରିବାରେ ସକ୍ଷମ ହୋଇଛି। ତେବେ ନାବାଳିକାଙ୍କ ସହ ପୋଲସ ତାଙ୍କ ୫ ମାସର ଶିଶୁପୁତ୍ରଙ୍କୁ ମଧ୍ୟ ଉଦ୍ଧାର କରିଛି। ପ୍ରକାଶ ଯେ, ୨ବର୍ଷ ତଳେ ନାବାଳିକା ନିଖୋଜ ହୋଇଥିଲେ। ନାବାଳିକାଙ୍କ ବାପା ଝିଅର ନିଖୋଜ ନେଇ ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ସୁଫଳ ମିଳି ନ ଥିଲା। ପରେ ନାବାଳିକାଙ୍କ ବାପା ହାଇକୋର୍ଟରେ ଆଶ୍ରୟ ନେଇଥିଲେ। ୨ ବର୍ଷ ଭିତରେ ନାବାଳିକା ବିବାହ କରି ସାରିଛନ୍ତି। ତାଙ୍କର ଏକ ଶିଶୁପୁତ୍ର ହୋଇଛି। ପୋଲିସ ଶିଶୁପୁତ୍ର ସହ ନାବାଳିକାଙ୍କୁ କୋର୍ଟରେ ହାଜର କରାଇଥିଲା। କୋର୍ଟ ନିର୍ଦ୍ଦେଶ ମୁତାବକ ଉଭୟଙ୍କୁ ନାବାଳିକାଙ୍କ ବାପାଙ୍କୁ ହସ୍ତାନ୍ତର କରାଯାଇଛି।

### ଷ୍ଟେଟ ବ୍ୟାଙ୍କ ଏଟିଏମ୍ ୧୫ ଦିନ ହେଲା ଅଚଳ

ଖଣ୍ଡପଡ଼ା,୨।୯ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ସହରର ରଥଗଡ଼ା ଛକସ୍ଥିତ ଷ୍ଟେଟ ବ୍ୟାଙ୍କ ଶାଖାରେ ଥିବା ଏଟିଏମ୍ କାଉଣ୍ଟରଟି ୧୫ ଦିନ ଧରି ଅଚଳ ଅବସ୍ଥାରେ ପଡ଼ିରହିଛି । ଫଳରେ ଟଙ୍କା ଉଠାଣ ଲାଗି ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଟିଏମ୍ ମେଶିନଟି ଅଚଳ ଥିବା ସମ୍ପର୍କରେ ବ୍ୟାଙ୍କ କର୍ତ୍ତୃପକ୍ଷ ଅବଗତ ଥିଲେ ହେଁ ପୁନଃ ମେଶିନଟିକୁ କାର୍ଯ୍ୟକ୍ଷମ କରିବା ଦିଗରେ ଆନ୍ତରିକତା ପ୍ରକାଶ କରୁ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏଥିପ୍ରତି ଷ୍ଟେଟ ବ୍ୟାଙ୍କ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ଖଣ୍ଡପଡ଼ା ଅଞ୍ଚଳବାସୀ ଦାବି କରିଛନ୍ତି।

# ଜିଲାପାଳଙ୍କ ଅଭିଯୋଗ ଶୁଣାଣି ବେଳେ ଅନଶନ



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଦୁଇ ଅନଶନରତ ହିତାଧିକାରୀଙ୍କୁ ଆଇଆଇସି ଓ ଜିଲା ଶ୍ରମ ଅଧିକାର ବୁଝାଶୁଝା କରୁଛନ୍ତି।

- ଆଇଆଇସିଙ୍କ ବୁଝାଶୁଝାବେଳେ କାନ୍ଦିଲେ ୨ ଅନଶନରତ ହିତାଧିକାରୀ
- ମା' ଓ ସ୍ତ୍ରୀଙ୍କ ମୃତ୍ୟୁ ପରେ ମିଳି ନ ଥିଲା ମୃତ୍ୟୁକାଳୀନ ସହାୟତା
- ଶ୍ରମ ଅଧିକାରୀଙ୍କ ହଇରାଣର ଗୁମର ଖୋଲି ମାଗିଲେ ନ୍ୟାୟ
- ୩ଦିନ ମଧ୍ୟରେ ସହାୟତା ମିଳିବାକୁ ଜିଲାପାଳ ଦେଲେ ଆଶ୍ୱାସନା

ନୟାଗଡ,୨।୯(ଲୋକନାଥ ମିଶ୍ର)

ଅଣସଙ୍ଗଠିତ ଶ୍ରମିକଙ୍କ ମୃତ୍ୟୁ ଆବେଦନର ମାସେ ଭିତରେ ସରକାରୀ ସହାୟତା ମିଳିବାର ନିୟମ ରହିଛି। ତେବେ ୨ ହିତାଧିକାରୀଙ୍କ ମା' ଓ ସ୍ତ୍ରୀଙ୍କ ମୃତ୍ୟୁ ପରେ ଆବେଦନ କରାଯାଇଥିଲେ ମଧ୍ୟ ନୟାଗଡ଼ ପ୍ରଭାଗୀୟ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟ ମୃତ୍ୟୁକାଳୀନ ସହାୟତା ରାଶି ଦେବାରେ ଅସହଯୋଗ ଓ ହଇରାଣ ହରକତ ପରି ଅଭିଯୋଗ ହୋଇ ଆସୁଥିଲା।

ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଚାଲିଥିବାବେଳେ ଜିଲାପାଳଙ୍କର କାର୍ଯ୍ୟାଳୟ ଭିତରକୁ ରାସ୍ତା ସମ୍ମୁଖରେ ୨ ହିତାଧିକାରୀ ଆମରଣ ଅନଶନ କରିଥିଲେ। ଜିଲାପାଳଙ୍କ ଅଭିଯୋଗ ଶୁଣାଣି ବେଳେ ଅନଶନକୁ ଦେଖି ନୟାଗଡ଼ ଟାଉନ ଥାନା ଆଇଆଇସି ରଶ୍ମୀ ରଞ୍ଜନ ମହାପାତ୍ର ୨ ହିତାଧିକାରୀ ବୁଝାଶୁଝା କରି ଉଠାଇବାକୁ ଚେଷ୍ଟା କରିଥିବାବେଳେସେମାନେ କାନ୍ଦି କାନ୍ଦି ଶ୍ରମ ବିଭାଗର ଗୁମର ଖୋଲିଥିଲେ। ନିକଟରେ ଜିଲା ଶ୍ରମ ଅଧିକାରୀ ସୁଧୀର କୁମାର ସାହୁ ପହଞ୍ଚି ବୁଝାଶୁଝା କରୁଥିଲେ। ଆଇଆଇସି ଓ ଜିଲା ଶ୍ରମ ଅଧିକାରୀ ସାହୁଙ୍କୁ ଉଭୟ ହିତାଧିକାରୀ ଜିଲା ଶ୍ରମ ଅଧିକାରୀ ଲାଞ୍ଚ ମାଗିବା ପ୍ରସଙ୍ଗ, ବାରମ୍ବାର କାର୍ଯ୍ୟାଳୟକୁ ଦୌଡ଼ାଇବା ଘଟଣା, ବ୍ୟବହାର ଖରାପ କରିବା ଘଟଣା ନେଇ କହିଥିଲେ। ଦାବି ପୂରଣ ନ ହେଲେ ଅନଶନରୁ ଓହରିବେ ନାହିଁ ବୋଲି ବାରମ୍ବାର କହୁଥିଲେ। ହେଲେ ଟାଉନ ଥାନା ଆଇଆଇସି ଉଭୟ ଅନଶନକାରୀଙ୍କୁ ବୁଝାଶୁଝା କରି ଜିଲାପାଳଙ୍କ ପାଖକୁ ନେଇ କିପରି ମୃତ୍ୟୁକାଳୀନ ସହାୟତା ରାଶି ପାଇବେ ସେନେଇ ଆଲୋଚନା କରାଇବାର ବ୍ୟବସ୍ଥା କରାଇଥିଲେ। ୩ ଦିନ ମଧ୍ୟରେ ସହାୟତା ରାଶି ପାଇବାର ପ୍ରତିଶ୍ରୁତି ଜିଲାପାଳଙ୍କଠାରୁ ପାଇବା ପରେ ଅନଶନକୁ ପ୍ରତ୍ୟାହୃତ କରିଥିଲେ। ଏ ନେଇ ନୂଆଗାଁ ବ୍ଲକ ବଡଗୋଠ ଗାଁର ପ୍ରିୟଦର୍ଶିନୀ ବାରିକ କହିଛନ୍ତି, ମୋ ଜଣେ ଅଣସଙ୍ଗଠିତ ଶ୍ରମିକ। ମୋ ବାପା ରଘୁନାଥ ବାରିକ ୫ବର୍ଷ ହେଲା ମୃତ୍ୟୁ ବରଣ କଲେଣି। ବାପାଙ୍କ ମୃତ୍ୟୁ ପରେ ମା' ଘରକୁ କଷ୍ଟେମେଷ୍ଟ ଚଳାଇ ନେଉଥିଲେ। ହେଲେ ମୋ ମା' ସୁଷମା ବାରିକ ପ୍ରାୟ ୧୪ ମାସ ହେଲା ପ୍ରାଣ ହରାଇଲେଣି। ମା'ଙ୍କ ମୃତ୍ୟୁ ପରେ ଆମେ ଭାଇଭଉଣୀ ଚଳିବା କାଠିକର ପାଠ ହୋଇପଡିଛି। ଏଭଳିସ୍ଥଳେ ଅଣସଙ୍ଗଠିତ ଶ୍ରମିକଙ୍କ ମୃତ୍ୟୁ ପରେ ୧ଲକ୍ଷ ଟଙ୍କା ସରକାରୀ ସହାୟତା ମିଳିବାର ସରକାରୀ ନିୟମ ରହିଛି। ସରକାରୀ ନିୟମ ମୁତାବକ, ମୋ ମା'ର ମୃତ୍ୟୁ ପରେ ସହାୟତା ରାଶି ପାଇବାକୁ ଜିଲା ଶ୍ରମ କାର୍ଯ୍ୟାଳୟରେ ଆବେଦନ କରିଥିଲି। ପରେ ମୋ ଭାଇ ଆବେଦନ କରିଛନ୍ତି। ହେଲେ ଆମକୁ ସହାୟତା ମିଳିଲା ନାହିଁ। ବାରମ୍ବାର ଜିଲା ଶ୍ରମ କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ନିରାଶ ହେଲୁ। ସବୁବେଳେ ଖରାପ ବ୍ୟବହାର ଶୁଣିବାକୁ ମିଳିଲା। ଜିଲା ଶ୍ରମ କାର୍ଯ୍ୟାଳୟ ଓ ପ୍ରଭାଗୀୟ ଶ୍ରମ ଆୟକ୍ତଙ୍କ କାର୍ଯ୍ୟାଳୟ ପକ୍ଷରୁ ନିରାଶ ହେବା ପରେ ବାଧ ହୋଇ ଅନଶନ କରିବାକୁ ନିଷ୍ପତି ନେଲି। ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଚାଲିଥିବାବେଳେ ଅନଶନ କରିଥିଲି। ମୋତେ ୩ ଦିନ ଭିତରେ ସହାୟତା ରାଶି ମିଳିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଥିବା କହିଛନ୍ତି। ଦଶପଲ୍ଲା ବ୍ଲକ କୁଜାମେଣ୍ଡି ପଞ୍ଚାୟତ କଳାକିଆରୀ ଗାଁର ସୁରଥ ନାୟକ କହିଛନ୍ତି ମୋ ସ୍ତ୍ରୀ ପ୍ରତିମା ନାୟକ ୬।୯।୨୩ରେ ପ୍ରାଣ ହରାଇଥିଲେ। ମୋର ୧୧ ବର୍ଷ, ୮ ବର୍ଷ ଓ ୫ ବର୍ଷର ୩ଟି ପୁଅ ଅଛନ୍ତି। ସ୍ତ୍ରୀଙ୍କ ମୃତ୍ୟୁ ପରେ ଅଣସଙ୍ଗଠିତ ଶ୍ରମିକ ସହାୟତା ରାଶି ପାଇବାକୁ ଆବେଦନ କରିଥିଲି। ବାରମ୍ବାର ଜିଲା ଶ୍ରମ କାର୍ଯ୍ୟାଳୟକୁ ଦୌଡୁଥିଲି। ହେଲେ ସରକାରୀ ସହାୟତା ଦେବାକୁ ଜିଲା ଶ୍ରମ ଅଧିକାରୀ ଲାଞ୍ଚ ମାଗିଲେ। ଲାଞ୍ଚ ଦେବାକୁ ମନା କରିବାରୁ ଜାତିଆଣ ଆକ୍ଷେପ କରି ହଇରାଣ କଲେ। ଏଯାବତ ସରକାରୀ ସହାୟତା ପାଇଲି ନାହିଁ। ଏଭଳିସ୍ଥଳେ ପ୍ରାପ୍ୟ ପାଇବା ଉଦ୍ଦେଶ୍ୟରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନଶନ କରିଥିଲି। ଅନଶନ ଯୋଗୁ ମୋ ପରି ୧୪ ଜଣ ହିତଧିକାରୀ ୩ ଦିନ ଭିତରେ ସରକାରୀ ସହାୟତା ପାଇବେ ବୋଲି ଜିଲାପାଳି ପ୍ରତିଶ୍ରୁତି ଦେଇଛନ୍ତି। ଜିଲା ଶ୍ରମ ଅଧିକାରୀ ସୁଧୀର କୁମାର ସାହୁଙ୍କୁ ପଚାରିବାରେ ଉଭୟ ଅନଶନକାରୀଙ୍କ ଅଭିଯୋଗ ମୋ ସମୟର ନୁହେଁ। ଉଭୟ ହିତାଧିକାରୀ କିପରି ସରକାରୀ ସହାୟତା ପାଇବେ ସେନେଇ ପ୍ରାଧାନ୍ୟ ଦିଆଯାଇଛି। ଖୁବ୍‌ଶୀଘ୍ର ସେମାନେ ସରକାରୀ ସହାୟତା ପାଇବେ ବୋଲି ସେ କହିଛନ୍ତି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଶୁଭେନ୍ଦୁ



@ ଇତିଶ୍ରୀ



@ ଗଣେଶ



@ ସ୍ନେହାଂଶୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଗୋକୁଳାନନ୍ଦ ଜୀଉ ପର୍ଯ୍ୟଟନ ସ୍ଥଳରେ ବିଦେଶୀ ପର୍ଯ୍ୟଟକ



**ଗ୍ରାମ ପରିଭ୍ରମଣ କରି ସଂସ୍କୃତି ପରମ୍ପରା ସମ୍ପର୍କରେ ବୁଝିଲେ**

ଖଣ୍ଡପଡ଼ା, ୨।୯ (ଅଜୟ କୁମାର ମହାରଣା)

ନୟାଗଡ଼ ବନ ବିଭାଗ ପକ୍ଷରୁ ପରିଚାଳିତ ସିଧାମୂଳା ଗୋକୁଳାନନ୍ଦ ପୀଠ ମଧୁକର୍ଣ୍ଣିକା ପାହାଡ଼ ଉପରେ ଥିବା ପରିବେଶ ପର୍ଯ୍ୟଟନସ୍ଥଳୀକୁ ବର୍ଷର ବିଭିନ୍ନ ସମୟରେ ଦେଶ ଓ ବିଦେଶର ପର୍ଯ୍ୟଟକମାନେ ଆସିଥାନ୍ତି। ଏହି ପରିପ୍ରେକ୍ଷୀରେ ସୁଦୂର ସୁଇଜରଲାଣ୍ଡରୁ ଏଠାକୁ ୨ଜଣ ପର୍ଯ୍ୟଟକ ଗାଇଡ୍‌ଙ୍କ ସହ ଆସି ଏଠାରେ ରହଣି ଅବସ୍ଥାରେ ସିଧାମୂଳା ଗ୍ରାମ ପରିକ୍ରମା କରିଥିଲେ। ଉକ୍ତ ଅଞ୍ଚଳର ଜନସାଧାରଣଙ୍କୁ ସାକ୍ଷାତକରି ସେମାନଙ୍କ ଚାଲିଚଳଣି, ସଂସ୍କୃତି ଓ ପରମ୍ପରା ସମ୍ପର୍କରେ ସାଙ୍ଗରେ ଆସିଥିବା ଗାଇଡ୍‌ଙ୍କ ମାଧ୍ୟମରେ ବୁଝିଥିଲେ। ତେବେ ପରିବେଶ ପର୍ଯ୍ୟଟନସ୍ଥଳୀ ପାହାଡ଼ ଉପରୁ ତଟଦେଶରେ ପ୍ରବାହିତ ମହାନଦୀ ଓ ଚତୁଃପାର୍ଶ୍ୱର ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗକରି ଭାବବିହ୍ୱଳ ହୋଇଯାଇଥିଲେ। ଏପରି ୨ଜଣ ବିଦେଶୀ ପର୍ଯ୍ୟଟକଙ୍କୁ ଗ୍ରାମବାସୀ ଦେଖି ଓ ସେମାନଙ୍କ ସହ ବାର୍ତ୍ତାଳାପ କରି ଖୁସି ପ୍ରକଟ କରିଥିବା ଜଣାଯାଇଛି।

# ପୁଣି ଜିଲାପାଳଙ୍କୁ ଭେଟିଲେ କୁଆଁରିଆ ବିସ୍ଥାପିତ



ଜିଲାପାଳଙ୍କୁ କୁଆଁରିଆ ବିସ୍ଥାପିତ ପରିବାରର ସଦସ୍ୟମାନେ ଅଭିଯୋଗ କରିବାକୁ ଆସିଛନ୍ତି।

- ସ୍ଥାୟୀ ପଟ୍ଟା ଯୋଗାଇ ଦେବାକୁ ଜିଲାପାଳଙ୍କୁ ନିବେଦନ
- ବିସ୍ଥାପିତ ୮୦ ପରିବାରଙ୍କ ସଂଖ୍ୟା ଏବେ ୩୦୦

ନୟାଗଡ଼,୨।୯(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ୍‌ର ସରିଗଣ୍ଡା ପଞ୍ଚାୟତର ରୟତି ଓଡ଼ଶରସ୍ଥିତ କୁଆଁରଆଁ ଡ୍ୟାମ ନିର୍ମାଣ ସମୟରେ ବିସ୍ଥାପିତ ହୋଇଥିବା ପରିବାରକୁ ଠିକ୍ ଭାବେ ଥଇଥାନ କରାଯାଇ ନ ଥିବାରୁ ସେମାନେ ୪୪ ବର୍ଷ ହେଲା ଅଭିଶପ୍ତ ଜୀବନଯାପନ କରି ଆସୁଛନ୍ତି । ୪୪ ବର୍ଷ ଭିତରେ ବିସ୍ଥାପିତ ପରିବାରଙ୍କ ସଂଖ୍ୟା ୮୦ରୁ ୩୦୦ରେ ପହଞ୍ଚିଥିବାବେଳେ ସ୍ଥାୟୀ ଥଇଥାନ ପାଇଁ ବାରମ୍ବାର ଆନ୍ଦୋଳନ, ନିବେଦନ, ଆପତ୍ତି, ଅଭିଯୋଗ ପରେ ବି ସୁଫଳ ପାଉ ନାହାନ୍ତି । ଗତ ୫ ତାରିଖରେ ରାଜ୍ୟପାଳଙ୍କ ନିର୍ଦ୍ଦେଶ ମୁତାବକ ଜିଲାପାଳଙ୍କୁ ଭେଟିଥିଲେ ମଧ୍ୟ ସୁଫଳ ମିଳିଲାନି । ଇତି ମଧ୍ୟରେ ଜିଲାପାଳଙ୍କ ବଦଳି ହୋଇ ସାରିଲାଣି । ପୁଣି ନୂଆ ଜିଲାପାଳ କାର୍ଯ୍ୟରେ ଯୋଗ ଦେଇଥିବାରୁ ବିସ୍ଥାପିତମାନେ ପୁଣି ନୂଆ ଜିଲାପାଳଙ୍କୁ ଭେଟି ସ୍ଥାୟୀ ପଟ୍ଟା ଯୋଗାଇ ଦେବାକୁ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣୀ ଶିବିରରେ ଦାବି କରିଛନ୍ତି ।

ଏନେଇ ମୁରଲୀ ଦେହୁରୀ କୁହନ୍ତି, କୁଆଁରଆଁ ଡ୍ୟାମ ନିର୍ମାଣ ଯୋଗୁ ୨୮।୯।୧୯୮୧ରେ ରୟତ ଓଡସର,ପାଇକ ଓଡସର, ନରାଜିପଡାରୁ ୮୦ ପରିବାରକୁ ବିସ୍ଥାପିତ ହୋଇଥିଲେ । ବିସ୍ଥାପିତ ପୂର୍ବରୁ ସମସ୍ତ ସରକାରୀ ସହାୟତା ଯୋଗାଇ ଦିଆଯିବାକୁ ପ୍ରତିଶ୍ରୁତି ଦିଆଯାଇଥିଲା । ଆମକୁ ବୁଗୁଡା କଲୋନୀ, ରଙ୍ଗମାଟିଆ, ତୁମାଣ୍ଡି, ନରାଜିପଡା, ଦୁଇପାଙ୍ଗୁ(ବୁଢ଼ାପଦର) ରେ ଥଇଥାନ କରାଯାଇଥିଲା । ସମସ୍ତଙ୍କୁ ସ୍ଥାୟୀ ପଟ୍ଟା ଯୋଗାଇ ଦିଆଯିବ ବୋଲି କୁହାଯାଇଥିଲା । ତେବେ ହାତ ଗଣତି କେଇ ଜଣଙ୍କୁ ଅସ୍ଥାୟୀ ପଟ୍ଟା ଦିଆଯାଇଛି। ଆନ୍ଦୋଳନ, ପ୍ରତିବାଦ ପରେ ସୁଫଳ ମିଳିଲାନି । ଧିରେ ଧିରେ ଆମ ପରିବାର ବଢ଼ି ଚାଲିଲା । ଆମର ବିସ୍ଥାପିତ ଲୋକ ବୁଗୁଡା କଲୋନୀ, ରଙ୍ଗମାଟିଆ, ତୁମାଣ୍ଡି, ନରାଜିପଡା, ଦୁଇପାଙ୍ଗୁ(ବୁଢ଼ାପଦର)ରେ ରହୁଛନ୍ତି । ଆମ ସଂଖ୍ୟା ଏବେ ୩୦୦ ପରିବାରରେ ପହଞ୍ଚିଲାଣି । ହେଲେ ଆମକୁ ସ୍ଥାୟୀ ଭାବେ ଥଇଥାନ କରି ହଟହଟା କରାଗଲା । ଆମ ପିଲାମାନେ ପାଠପଢ଼ାରେ ହଇରାଣ ହରକତ ହେଉଛନ୍ତି । ପଟ୍ଟା ନ ଥିବାରୁ ରେସିଡେଣ୍ଟ ସାର୍ଟିଫିକେଟ ମିଳୁ ନାହିଁ । ପୁଣି ସରକାରୀ ସୁବିଧା ସୁଯୋଗ ଅପହଞ୍ଚ ହୋଇ ରହୁଛି । ବିପ୍ର ପ୍ରଧାନ କୁହନ୍ତି, ଆମକୁ ସ୍ଥାୟୀ ଭାବେ ଥଇଥାନ କରାଗଲାନି । ଏଣୁ ଆମେ ହଇରାଣ ହୋଇ ଆସୁଛୁ । ଓଡସର ଗାଁର ସୁମନ୍ତ ଦଳବେହେରା କୁହନ୍ତି, କୁଆଁରିଆ ବିସ୍ଥାପିତଙ୍କୁ ଅଣଦେଖା କରାଯାଇଥିବାରୁ ୪୪ ବର୍ଷ ହେଲା ଭୂମିହୀନ, ବାସହୀନ ଓ ଅନାଥ ଭାବେ ଅଭିଶପ୍ତ ଜୀବନଯାପନ କରି ଆସୁଛୁ । ଆମ ସମସ୍ୟାକୁ ଜିଲା ପ୍ରଶାସନ ଅଣଦେଖା ନ କରି ବିଚାର କରୁ। ଆମ ସମସ୍ୟା ସମାଧାନ ପାଇଁ ଜିଲାପାଳ ପ୍ରତିଶ୍ରୁତି ଦେଇଛନ୍ତି । ଆମ ସମସ୍ୟା କେବେ ସମାଧାନ ହେଉଛି ତାକୁ ଆମେ ଅପେକ୍ଷା କରିଛୁ।

**ବାର୍ଡ ଫ୍ଲୁ ସମ୍ବନ୍ଧୀୟ ସତର୍କ ସୂଚନା**

DSPL - 95

ବାର୍ଡ ଫ୍ଲୁ ଇନ୍‌ଫ୍ଲୁଏଞ୍ଜା ଟାଇପ୍-ଏ (ପ୍ରକାର : ଏଚ୍-୫ ଏନ୍-୧) ଭୂତାଣୁ ଯୋଗୁ ହୋଇଥାଏ । ଏହି ରୋଗରେ ସାଧାରଣତଃ କୁକୁଡ଼ା ଓ କୁକ୍କୁଟ ଜାତୀୟ ପକ୍ଷୀମାନେ ଆକ୍ରାନ୍ତ ହୋଇଥାନ୍ତି । ବାର୍ଡ ଫ୍ଲୁ କୁକୁଡ଼ା ଠାରୁ ମନୁଷ୍ୟକୁ ମଧ୍ୟ ବ୍ୟାପିପାରେ ।

**ଲକ୍ଷଣ:**
- କୁକୁଡ଼ାଙ୍କ ଠାରେ ଏହି ରୋଗ ଦେଖାଦେଲେ ମୁହଁ ଓ ମୁଣ୍ଡ ଫୁଲିଯାଏ ।
- ଆଖିରୁ ପାଣି ଝରେ, ନାକରୁ ପତଳା ସିଙ୍ଘାଣି ବାହାରିବା ସହ ଛିଙ୍କ ହୁଏ ।
- ଚୂଳ ନୀଳ ପଡ଼ିଲା ପରି ଦେଖାଯାଏ । ତରଳ ଝାଡ଼ା ହୋଇଥାଏ ।
- ରୋଗ ଆରମ୍ଭ ହେବାର ୪୮ ଘଣ୍ଟା ମଧ୍ୟରେ ପ୍ରାୟ ୮୦ ରୁ ୯୦ ପ୍ରତିଶତ ପକ୍ଷୀ ମୃତ୍ୟୁବରଣ କରନ୍ତି ।



ବାର୍ଡ ଫ୍ଲୁ ଏବେ ପୁରୀ ଜିଲ୍ଲାର କେତୋଟି ବ୍ଲକ୍‌ରେ ଚିହ୍ନଟ କରାଯାଇଛି ଏବଂ ସରକାରଙ୍କ ତରଫରୁ ନିୟନ୍ତ୍ରଣ ପାଇଁ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଉଛି ।

**ନିରାକରଣ:**
- ଆବଶ୍ୟକ ନଥିଲେ ବାହାରର ଜୀବଜନ୍ତୁ, ଯାନବାହନ ଓ ମଣିଷଙ୍କୁ କୁକୁଡ଼ା ଫାର୍ମ ଭିତରକୁ ପ୍ରବେଶ ଅନୁମତି ଦିଅନ୍ତୁ ନାହିଁ ।
- କୁକୁଡ଼ା ମାଂସ ଓ ଅଣ୍ଡାକୁ ଭଲ ଭାବେ ସିଝାଇ ଖାଆନ୍ତୁ । ୭୦° ସେଲସିୟସ ତାପମାତ୍ରାରେ ୩୦ ମିନିଟ ପର୍ଯ୍ୟନ୍ତ ସିଝାଇଲେ ଏହି ଭୂତାଣୁ ଲୋପପାଇଥାଏ ।
- କୁକୁଡ଼ା ମାଂସ, ଅଣ୍ଡା ଓ ଅନ୍ୟାନ୍ୟ କୁକ୍କୁଟ ଜାତୀୟ ପଦାର୍ଥ ସଂସ୍ପର୍ଶରେ ଆସିଲେ ହାତକୁ ଭଲ ଭାବେ ସାବୁନରେ ଧୁଅନ୍ତୁ ।
- ପ୍ରାଣିରୋଗ ବିଶେଷଜ୍ଞମାନେ କୁକୁଡ଼ାଙ୍କ ରକ୍ତ, ଲାଳ ଓ ମଳ ଆଦି ସଂଗ୍ରହ କରିବା ପାଇଁ ଅନୁରୋଧ କଲେ ସେମାନଙ୍କୁ ସହଯୋଗ କରନ୍ତୁ ।
- ଗୋଟିଏ କୁକୁଡ଼ା ଫାର୍ମରେ ବ୍ୟବହାର ହେଉଥିବା ଦାନା ଓ ଲିଟର ମ୍ୟାଟେରିଆଲ୍‌କୁ ଅନ୍ୟ ଫାର୍ମକୁ ସ୍ଥାନାନ୍ତରଣ କରନ୍ତୁ ନାହିଁ ।
- କୌଣସି ସ୍ଥାନରେ ଅସ୍ୱାଭାବିକ ପକ୍ଷୀମୃତ୍ୟୁ ହେଲେ ତୁରନ୍ତ ନିକଟସ୍ଥ ପ୍ରାଣିଚିକିତ୍ସକ କିମ୍ବା **ବାର୍ଡ ଫ୍ଲୁ କଣ୍ଟ୍ରୋଲ ରୁମ୍ (ଫୋନ୍ ନମ୍ବର : 06752 295123) କୁ ଅବଗତ କରାନ୍ତୁ ।** ଏହି ନମ୍ବରରେ ଫୋନ୍ କରି ବାର୍ଡ ଫ୍ଲୁ ସମ୍ବନ୍ଧୀୟ ଯେ କୌଣସି ପ୍ରଶ୍ନ ଆପଣ ପଚାରିପାରିବେ ।



**ଆପଣମାନେ ଭୟଭୀତ ନହୋଇ ବାର୍ଡ ଫ୍ଲୁ ନିୟନ୍ତ୍ରଣ ପାଇଁ ସହଯୋଗ କରିବାକୁ ନିବେଦନ**

OIPR-06049/13/0001/2425

ଜିଲ୍ଲା ମୁଖ୍ୟ ପ୍ରାଣିଚିକିତ୍ସା ଅଧିକାରୀ, ପୁରୀ

**ସଂକ୍ଷେପରେ**

## ଜଙ୍ଗଲୀ ବାର୍‌ହାକୁ କାବୁ କଲେ ଗ୍ରାମବାସୀ



ଜେନାପୁର,୨।୯(ଅଶୋକ ଦାସ): ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଯାବରା ପୋଲ ନିକଟରୁ ଏକ ଜଙ୍ଗଲୀ ବାର୍‌ହାକୁ ଗ୍ରାମବାସୀ ଧରି ବନ ବିଭାଗକୁ ହସ୍ତାନ୍ତର କରିଛନ୍ତି। କେଳା ସମ୍ପ୍ରଦାୟର ଲୋକମାନେ ନଦୀ କୂଳରେ ବସବାସ କରନ୍ତି। ଗତ ରବିବାର ରାତିରେ ବ୍ରାହ୍ମଣୀ ନଦୀର ଏକ କୁଦରେ ଏହି ବାର୍‌ହାକୁ ଦେଖିବାକୁ ପାଇଥିଲେ। ସେହି ବାର୍‌ହାକୁ ଗ୍ରାମବାସୀ ଧରିବାକୁ ଉଦ୍ୟମ କରିଥିଲେ । ହେଲେ ବାର୍‌ହାଟି ଜୀବନ ବଞ୍ଚାଇବାକୁ ଗ୍ରାମବାସୀଙ୍କୁ ଆକ୍ରମଣ କରିବାକୁ ଚେଷ୍ଟା କରିଥିଲା । ହେଲେ ଗ୍ରାମବାସୀ ତାକୁ କୌଶଳ କ୍ରମେ କାବୁ କରି ବାନ୍ଧି ପକାଇଥିଲେ । ଖବର ପାଇ ଗଡ଼ମଧୁପୁର ଫରେଷ୍ଟର ମହମ୍ମଦ ଶାକିର ହୁସେନ, ଫରେଷ୍ଟ ଗାର୍ଡ ସେକ୍‌ଯାର୍ବି, ସମ୍ବିତ୍ ରାଉତ, କରୁଣାକର ଜେନା ପ୍ରମୁଖ ପହଞ୍ଚି ବାର୍‌ହାକୁ ଉଦ୍ଧାର କରିବା ସହ ସୁରକ୍ଷିତ ଭବେ ନେଇ ଜଙ୍ଗଲରେ ଛାଡି ଦେଇଛନ୍ତି।

# ବାଲି ପୋତିବା ଆଳରେ ଅର୍ଥ ହରିଲୁଟ୍

**ଯାଜପୁର,୨।୯(ହର୍ଷବର୍ଦ୍ଧନ ବେହେରା) :**

ଯାଜପୁର ଜିଲା ପାଣିକୋଇଲି ଆର୍ ଆଣ୍ଡ ବି ଡିଭିଜନ ତଥା ପୂର୍ତ୍ତ ବିଭାଗରେ ଗତ ୨ ବର୍ଷରେ ହୋଇଥିବା ଦୁର୍ନୀତି ୧୫ ବର୍ଷର ରେକର୍ଡକୁ ଭାଙ୍ଗିଛି । ବାଲି ପୋତିବା ଆଳରେ କେଉଁଠି ମୂଳରୁ କାମ ନ ହୋଇ ବିଲ୍ ପେମେଣ୍ଟ ହୋଇଛି ତ ଅନ୍ୟ କେଉଁଠି ଗୋଟିଏ କାମରେ ଦୁଇଥର ପେମେଣ୍ଟ କରାଯାଇଛି ବୋଲି ଅଭିଯୋଗ ହୋଇଛି । ୨୦୨୨ ଓ ୨୦୨୩ରେ ଜାତୀୟ ରାଜପଥ(ଏନଏଚ୍) ୧୬୦ଠାରୁ ବୈତରଣୀ ନଦୀବନ୍ଧର ଅର୍ଦ୍ଧାଳୁଆ ରାସ୍ତାର ଉନ୍ନତୀକରଣ, କଂକ୍ରିଟୱାଲ ନିର୍ମାଣ ଓ ବାଲି ପୋତିବା ଆଦି କାର୍ଯ୍ୟ ପାଇଁ ୫ ପ୍ରକଳ୍ପ ଜରିଆରେ ପ୍ରାୟ ୧୯୫ କୋଟି ଟଙ୍କା ଅନୁଦାନ ଯୋଗାଇ ଦିଆଯାଇଛି। ଏଥିରେ ବ୍ୟାପକ ହରିଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ଏହି ମର୍ମରେ ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ, ପୂର୍ତ୍ତ ବିଭାଗ ସଚିବ ଓ ଭିଜିଲାନ୍ସ ବିଭାଗ ନିର୍ଦ୍ଦେଶକଙ୍କୁ କେତେଜଣ ଠିକାଦାର ଲିଖିତ ଅଭିଯୋଗ କରିଛନ୍ତି । ଅନ୍ୟପକ୍ଷେ ସୂଚନା ଅଧିକାର ଆଇନ ବଳରେ ଏ ସମ୍ପର୍କିତ ତଥ୍ୟ ମାଗି ଅନେକ ଆବେଦନକାରୀ ନିରାଶ ହେବା ଘଟଣା ଏହି ଦୁର୍ନୀତିକୁ ଅଧିକ ସନ୍ଦେହ ଘେରକୁ ଟାଣି ନେଇଛି । ଜଣେ ରାଜ୍ୟ ସଭା ସଦସ୍ୟଙ୍କ ସାଙ୍ଗ ବୋଲି ପରିଚୟ ଦେଇ ଦାୟିତ୍ୱରେ ଥିବା ଅଧୀକ୍ଷଣ ଯନ୍ତ୍ରୀଙ୍କ ମନମାନି ବଢିବାରେ ଲାଗିଛି। ନିମ୍ନମାନର କାର୍ଯ୍ୟ ସମ୍ପର୍କରେ ସମ୍ପୃକ୍ତ ଅଞ୍ଚଳବାସୀ ଅଭିଯୋଗ କଲେ ବି ଉପଯୁକ୍ତ ତଦନ୍ତ କରି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି । ସାରା ରାଜ୍ୟରେ ଆୟ ବହିର୍ଭୂତ ସମ୍ପତ୍ତି ଉପରେ ତନାଘନା କରୁଥିବା ଭିଜିଲାନ୍ସ ବିଭାଗ କିପରି ଏଠାକାର ଦୁର୍ନୀତିକୁ ନେଇ ଚୁପ୍ ବସିଛି,ତାକୁ ନେଇ ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

ମିଳିଥିବା ତଥ୍ୟ ଅନୁଯାୟୀ, ଷ୍ଟେଟ୍ ପ୍ଲାନ, ଜିଲା ଖଣିଜ ପ୍ରତିଷ୍ଠାନ (ଡିଏମ୍‌ଏଫ୍) ପାଣ୍ଠି ଇତ୍ୟାଦି ଯୋଜନାରୁ

**ପାଣିକୋଇଲି ପୂର୍ତ୍ତ ବିଭାଗ ଡିଭିଜନ**

- ଅର୍ଦ୍ଧାଳୁଆ ରାସ୍ତାରେ ୫ ପ୍ରକଳ୍ପ
- ୧୯୫ କୋଟି ଅନୁଦାନ

ଯାଜପୁର ପୂର୍ତ୍ତ ବିଭାଗକୁ ବିଭିନ୍ନ କାର୍ଯ୍ୟ ପାଇଁ ଅନେକ କୋଟି ଟଙ୍କାର ଅନୁଦାନ ଯୋଗାଇ ଦିଆଯାଇଛି । ୨୦୨୦-୨୧ ଆର୍ଥିକ ବର୍ଷରେ ପୂର୍ତ୍ତ ବିଭାଗ ପକ୍ଷରୁ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଇଣ୍ଟେରିୟର ୱାର୍କ(ଫ୍ଲୋର ଟାଇଲ, ସିଲିଂ, ଗ୍ଲାସ୍ ଡୋର, ଲାଇଟ୍, ସାନିଟାରୀ ଇତ୍ୟାଦି)ପାଇଁ ୪୩ କୋଟି ୪୩ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି । ତେବେ ଏତେ ପରିମାଣ ଟଙ୍କାରେ କି କାମ କରାଯାଇଛି ତା'ର ଚିହ୍ନବର୍ଣ୍ଣ ଜିଲା ମୁଖ୍ୟ ଚିକିତ୍ସାଳୟରେ ନାହିଁ । ସେହିପରି ଯାଜପୁର ମେଡିକାଲ କଲେଜ ପାଇଁ ଜମି ଅଧିଗ୍ରହଣ ଏବଂ ବାଲି ପୋତା ବାବଦକୁ ୪୩ କୋଟି ୩୬ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି । ଏହାବାଦ୍ ଜିଲା ମୁଖ୍ୟ ଚିକିତ୍ସାଳୟର ବିଭିନ୍ନ ବିଲ୍ଡିଂ ପ୍ଲାଷ୍ଟର, ରଙ୍ଗ ଦେବା ଏବଂ ଖେଳ ପଡ଼ିଆ ଉନ୍ନତୀକରଣ ପାଇଁ ୩୦ଲକ୍ଷ ଖର୍ଚ୍ଚ ହୋଇଛି। ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ କୌଣସି ଖେଳପଡ଼ିଆ ନ ଥିବାବେଳେ ଏହି ଅର୍ଥ କେଉଁଠି ଖର୍ଚ୍ଚ ହୋଇଛି ତାହା ସନ୍ଦେହ ଘେରକୁ ଆସିଛି। ଏହାବାଦ୍ ଯାଜପୁର ମେଡିକାଲ କଲେଜ ଖେଳପଡ଼ିଆ ତଥା ଖେଳ ସାମଗ୍ରୀ ବାବଦକୁ ୨୨ କୋଟି ୯୩ ଲକ୍ଷ ଖର୍ଚ୍ଚ ହୋଇଛି । ସେହିପରି ୨୦୨୩- ୨୪ ବର୍ଷରେ ନର୍ସିଂ କଲେଜ ଉଦ୍ଦେଶ୍ୟରେ ଜିଲା ମୁଖ୍ୟ ଚିକିତ୍ସାଳୟର ସମ୍ପ୍ରସାରଣ ବାବଦକୁ ୯ କୋଟି ୯୯ ଲକ୍ଷ ଖର୍ଚ୍ଚ ହୋଇଛି। ସବୁଠାରୁ ବଡ଼ କଥା ହେଉଛି କୁସୁମା ସାମ୍ନାରେ ଥିବା ଜମି, ମେଡିକାଲ କଲେଜଠାରୁ ମାଳହାଟ ପର୍ଯ୍ୟନ୍ତ ଯାଇଥିବା ରାସ୍ତାରେ ବାଲିପୋତା ବାବଦକୁ ଅନେକ କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ଅଭିଯୋଗ ହୋଇଛି । ହେଲେ ଏହି ବାଲି ପୋତା କାର୍ଯ୍ୟ କେଉଁ ଠିକାସଂସ୍ଥା ଦ୍ୱାରା ହୋଇଛି ଏବଂ ସଂପୃକ୍ତ ସଂସ୍ଥା କେତେ ଟଙ୍କା ସରକାରଙ୍କୁ ରାଜସ୍ୱ ଦେଇଛି ସେ ସମ୍ପର୍କରେ ପୂର୍ତ୍ତ ବିଭାଗ ମୁହଁ ଖୋଲୁନାହିଁ ।

ଉଲ୍ଲେଖଯୋଗ୍ୟ, ଗତ କିଛିଦିନ ତଳେ ଯାଜପୁର ପୂର୍ତ୍ତ ବିଭାଗର ପୂର୍ବତନ ନିର୍ବାହୀ ଯନ୍ତ୍ରୀ ଭିଜିଲାନ୍ସ ବିଭାଗ ଅଧିକାରୀଙ୍କ ହାତରେ ଧରାପଡିଛନ୍ତି। କିନ୍ତୁ ତାଙ୍କ କାର୍ଯ୍ୟ ସମୟରେ ଏହି ବିଭାଗରେ ହୋଇଥିବା ଦୁର୍ନୀତିଠାରୁ ବହୁ ଅଧିକ ଅନିୟମିତତା ଏହି ୨ ବର୍ଷ ଭିତରେ ହୋଇଛି ବୋଲି ଚର୍ଚ୍ଚା ହେଉଛି। ଭିଜିଲାନ୍ସ ବିଭାଗ ନିର୍ଦ୍ଦେଶକ ଏ ଦିଗରେ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି । ଏ ସମ୍ପର୍କରେ ଯାଜପୁର ସହକାରୀ ନିର୍ବାହୀ ଯନ୍ତ୍ରୀ ଭଗବାନ ସାହୁଙ୍କୁ ପଚାରିବାରେ ସେ କହିଛନ୍ତି, କୌଣସି କାର୍ଯ୍ୟରେ ଦୁର୍ନୀତି କିମ୍ବା ହରିଲୁଟ୍ ହେଉନାହିଁ। ଖର୍ଚ୍ଚ ଅନୁସାରେ ବିଲ୍ ପ୍ରସ୍ତୁତ କରାଯାଉଛି। ଯେଉଁସବୁ ଅଭିଯୋଗ ହେଉଛି ସେହିସବୁ ଭିତ୍ତିହୀନ।

## ସଂଘବଦ୍ଧ ଆକ୍ରମଣ, ଜଣେ ଆହତ

**ପାଣିକୋଇଲି,୨।୯(ବିକାଶ କୁମାର ମଲିକ):**

ପାଣିକୋଇଲି ଥାନା ଅଧୀନ ଜହ୍ନା ପଞ୍ଚାୟତ ଛୋଟରାୟପୁର ଗ୍ରାମରେ ରାସ୍ତାପାର୍ଶ୍ୱ ଷ୍ଟ୍ରିଟ ଲାଇଟ ସଜାଡୁଥିବା ଜଣେ ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ ହୋଇଥିବା ଥାନାରେ ଅଭିଯୋଗ ହୋଇଛି । ଏନେଇ ମାମଲା ରୁଜୁ ହେବା ସହ ତଦନ୍ତ ଜାରି ରହିଛି । ଛୋଟରାୟପୁର ଗ୍ରାମର ରାକେଶ ମଲିକଙ୍କ ଅଭିଯୋଗ ମୁତାବକ ସେ ତାଙ୍କ ଗ୍ରାମରେ ଲାଗିଥିବା ଅଚଳ ଷ୍ଟ୍ରିଟ ଲାଇଟକୁ ମରାମତି କରି ଜଳାଉଥିଲେ। ହେଲେ ଛୋଟରାୟପୁର ଗ୍ରାମର ସୁରଥ ମଲିକ, ମନୋଜ ମଲିକ, ପ୍ରମୋଦ ମଲିକ, ଶିଶିର ମଲିକ ପ୍ରମୁଖ ତାକୁ ଗାଳିଗୁଲଜ କରିବା ସହ ଧମକ ଦେଇଥିଲେ । ପରେ ଛୋଟରାୟପୁର ଛକରେ ସୁରଥ ରାକେଶକୁ ମାଡ଼ ମାରିଥିଲେ । ଏଥିରେ ରାକେଶ ଆହତ ହୋଇଛନ୍ତି। ଏନେଇ ରାକେଶ ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ଆଦିବାସୀ ଶ୍ରମିକ ନେତାଙ୍କ ପରଲୋକ



କାଳିଆପାଣି, ୨।୯(ଅର୍ସିତ ମହାନ୍ତ): ଯାଜପୁର ଜିଲା କାଳିଆପାଣି ଖଣି ଅଞ୍ଚଳର ଆଦିବାସୀ ନେତା କୁନା ବେସ୍ରାଙ୍କ ରବିବାର ରାତିରେ ହୃଦ୍‌ଘାତରେ ପରଲୋକ ହୋଇଛି। କାଳିଆପାଣି ଥାନା ଅନ୍ତର୍ଗତ ଚିଙ୍ଗୁଡ଼ିପାଳ ପଞ୍ଚାୟତ ପାଟଣା ଗ୍ରାମର ବେସ୍ରାଙ୍କୁ ୫୪ ବର୍ଷ ବୟସ ହୋଇଥିଲା। ସେ ଦୀର୍ଘ ବର୍ଷ ହେବ ସୁକିନ୍ଦା ଖଣି ଅଞ୍ଚଳରେ ଆଦିବାସୀ ଶ୍ରମିକ ନେତା ଭାବେ ପରିଚିତ ଥିଲେ। ବିଭିନ୍ନ ସମୟରେ ଶ୍ରମିକ ଆନ୍ଦୋଳନ ଓ ଶ୍ରମିକଙ୍କ ହକ୍ ପାଇଁ ଲଢୁଥିବା ବେସ୍ରା ଇମ୍ଫା କମ୍ପାନୀର ନିୟମିତ କର୍ମଚାରୀ ଥିଲେ।

# ୨୨ ଅଭିଯୋଗର ତତ୍କାଳ ସମାଧାନ




ଅଭିଯୋଗ ଶୁଣାଣି ଶିବିରରେ ବିଭାଗୀୟ ଅଧିକାରୀ ଲୋକଙ୍କ ଆପତ୍ତି ଶୁଣୁଛନ୍ତି ।

**ଧର୍ମଶାଳା,୨।୯(ବଟକୃଷ୍ଣ ପରିଡା ):**

**ଧର୍ମଶାଳା ବ୍ଲକ ପକ୍ଷରୁ ମିଳିତ ଅଭିଯୋଗ ଶୁଣାଣି**

ଧର୍ମଶାଳା ବ୍ଲକ ପକ୍ଷରୁ ଅଭୟପୁର ପଞ୍ଚାୟତ କାର୍ଯ୍ୟାଳୟରେ ଏକ ମିଳିତ ଅଭିଯୋଗ ଶୁଣାଣୀ ସୋମବାର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ମୋଟ ୧୦୩ଟି ଅଭିଯୋଗ ମଧ୍ୟର ୨୨ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା । ଏହି ଜନଶୁଣାଣୀରେ ଧର୍ମଶାଳା ଏବିଡିଓ ଅସିତ କୁମାର ପାତ୍ର, ତହସିଲଦାର ଶୁଭଙ୍କର ମହାନ୍ତି,ଥାନା ଏସ୍‌ଆଇ ସ୍ୱାଗତିକା ବେହୁରା, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଲିଙ୍ଗରାଜ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଅଭିଯୋଗ ଶୁଣିଥିଲେ । ଏହି ଅଭିଯୋଗ ଶୁଣାଣୀରେ ଧର୍ମଶାଳା ବ୍ଲକ ଅଞ୍ଚଳର ବିଭିନ୍ନ ବିଭଗୀୟ ଅଧିକାରୀ ଉପସ୍ଥିତ ରହି ସାଧାରଣ ଲୋକଙ୍କ ଅଭିଯୋଗ ଶୁଣିବା ସହିତ ସମସ୍ୟାର ସମାଧାନର ବାଟ ବାହାର କରିଥିଲେ । ସ୍ଥାନୀୟ ସରପଞ୍ଚ ସ୍ନେହାଞ୍ଜଳି ଗନ୍ତାୟତ ଓ ପିଇଓ ଦୁଷ୍ମନ୍ତ ଗୋଛାୟତ ଅଭିଯୋଗକାରୀଙ୍କୁ ସହାୟତା କରିଥିଲେ। ଆସନ୍ତା ୧୭ ତାରିଖରେ ଏହି ବ୍ଲକ କ୍ଷେତ୍ରପାଳ ପଞ୍ଚାୟତରେ ମିଳିତ ଅଭିଯୋଗ ଶୁଣାଣୀ ହେବ ବୋଲି ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ ସୂଚନା ଦେଇଛନ୍ତି।

## ଡାକ ନିରୀକ୍ଷକ ଓ କର୍ମଚାରୀଙ୍କ ମଧ୍ୟରେ ମାର୍‌ପିଟ

### ୨ ମାମଲା ରୁଜୁ, ଜଣେ କୋର୍ଟ ଚାଲାଣ

**ପାଣିକୋଇଲି,୨।୯(ବିକାଶ କୁମାର ମଲିକ):**

ପାଣିକୋଇଲି ଥାନା ବଡ ବିରୁହାଁ ଉପ ଡାକଘରେ ଡାକ ନିରୀକ୍ଷକ ଓ କର୍ମଚାରୀ ମଧ୍ୟରେ ମାର୍‌ପିଟ ହୋଇଛି। ଏନେଇ ଉଭୟ ଥାନାର ଦ୍ୱାରସ୍ଥ ହେବା ପରେ ପୋଲିସ ୨ଟି ମାମଲା ରୁଜୁ କରିଛି। ଏନେଇ ଜଣେ କର୍ମଚାରୀଙ୍କୁ ପୋଲିସ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସୂଚନା ଅନୁଯାୟୀ, ଯାଜପୁରରୋଡ଼ ଡାକ ନିରୀକ୍ଷକ ଶାନ୍ତନୁ ଦେଓ ଅଭିଯୋଗ କରିଛନ୍ତି, ସେ ବଡ଼ ବିରୁହାଁ ଡାକ ଘରକୁ ଆସିଥିବା ବେଳେ ବଳରାମ ପାଲ ତାଙ୍କୁ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ । ଅପରପକ୍ଷେ କୁଆଖିଆ ଥାନା ଅନ୍ତର୍ଗତ ଯାବରା ଗ୍ରାମର ବଳରାମ ପାଲଙ୍କ ଅଭିଯୋଗ ମୁତାବକ ସେ ଜଣେ ଡାକ କର୍ମଚାରୀ । କୌଣସି ଘଟଣାକୁ ନେଇ ଯାଜପୁରରୋଡ ଡାକଘରେ ସେ ଶାନ୍ତନୁ ଦେଓଙ୍କୁ ଭେଟିବାକୁ ଯାଇଥିଲେ । ସେ ବଡବିରୁହାଁ ଯାଉଛି ସେଠାକୁ ଆସ କଥାବାର୍ତ୍ତା ହେବା ପାଇଁ ଡାକିଥିଲେ । ବଡ଼ବିରୁହାଁ ଡାକ ଘରେ କଥାବାର୍ତ୍ତା ହେଉ ଥିଲା। ତାହା ଉଚ୍ଚବାଚ ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଶାନ୍ତନୁ ଓ ଶିବ ପରିଡ଼ା ପ୍ରମୁଖ ତାଙ୍କୁ ମାଡ଼ ମାରିଥିଲେ। ପାଣିକୋଇଲି ପୋଲିସ ପହଞ୍ଚି ବଳରାମଙ୍କୁ ଥାନାକୁ ଆଣିଥିଲା । ଏନେଇ ଉଭୟଙ୍କ ଅଭିଯୋଗକ୍ରମେ ୨ ମାମଲା ରୁଜୁକରାଯାଇଛି।

# ପଞ୍ଚାୟତସ୍ତରୀୟ ସଚେତନତା ଶିବିର, ଅଭିଯୋଗ ଶୁଣାଣି



ଅଭିଯୋଗ ଶୁଣାଣି ଶିବିରକୁ ଆସିଥିବା ଗ୍ରାମବାସୀ ।

**ଛତିଆ,୨।୯(ସୌମ୍ୟ ରଞ୍ଜନ ସାହୁ):**

ଯାଜପୁର ଜିଲା ବଡ଼ଚଣା ବ୍ଲକ ଛତିଆ ପଞ୍ଚାୟତର ଯାତ୍ରୀନିବାସ ପରିସରରେ ସୋମବାର ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଓ ଅଭିଯୋଗ ଶୁଣାଣି ଛତିଆ ସରପଞ୍ଚ ରମେଶ ପୃଷ୍ଟିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରରେ ବଡ଼ଚଣା ଗୋଷ୍ଠୀ ଉନ୍ନୟନ ଅଧିକାରୀ ରବିନ୍ଦ୍ର ପ୍ରଧାନ, ତହସିଲଦାର ମାନସ ରଞ୍ଜନ ତ୍ରିପାଠୀଙ୍କ ସମେତ ବ୍ଲକ ପ୍ରଶାସନର ୩୦ ବିଭାଗ ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ। ଉକ୍ତ ଶିବିରରେ ମୋଟ ୮୦୫ ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିଲେ। ବିଧାୟକ ଅମର କୁମାର ନାୟକ ଜନସାଧାରଣଙ୍କ ସମସ୍ୟା ସମ୍ପର୍କରେ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ପ୍ରଥମ ଥର ପାଇଁ ନିଜ ଅଞ୍ଚଳରେ ଏହି ଜନ ଶୁଣାଣି ଶିବିର ଅନୁଷ୍ଠିତ ହେଉଥିବାରୁ ଲୋକମାନଙ୍କ ମଧ୍ୟରେ ବେଶ ଉତ୍ସାହ ଦେଖିବାକୁ ମିଳିଥିଲା। ଶିବିର ପରିସରରେ ସକାଳୁ ନାହିଁ ନ ଥିବା ଭିଡ଼ ପରିଲକ୍ଷିତ ହୋଇଥିଲା। ଛତିଆ ପଞ୍ଚାୟତର ସମିତ ସଭ୍ୟ ଓ ସମସ୍ତ ୱାର୍ଡ଼ ସଭ୍ୟାସଭ୍ୟ ଶିବିର ପରିଚାଳନାରେ ସହୋଯାଗ କରିଥିଲେ।

## ବିବାହିତା ମହିଳାଙ୍କୁ ଧମକ, ୨ ଗିରଫ

**କଳିଙ୍ଗନଗର,୨।୯(ଶୁଭାଶିଷ ରାଉତ):**

କଳିଙ୍ଗନଗର ଥାନା ଅଞ୍ଚଳର ଜଣେ ବିବାହିତା ମହିଳାଙ୍କୁ ଧମକ ଦେବା ଅଭିଯୋଗରେ ୨ଯୁବକଙ୍କୁ କଳିଙ୍ଗନଗର ଥାନା ପୋଲିସ ଗିରଫ କରିଛି। ସୂଚନା ଅନୁଯାୟୀ, ଟମକା ଅଞ୍ଚଳର ଜଣେ ଯୁବକ ସମ୍ପୃକ୍ତା ମହିଳାଙ୍କୁ ବାରମ୍ବାର ଫୋନ କରିବା ସହ ବିଭିନ୍ନ ଫଟୋ ଓ ବାର୍ତ୍ତାଳାପକୁ ଭାଇରାଲ କରିବାକୁ ଧମକ ଦେଉଥିଲେ। ଏ ନେଇ ମହିଳାଙ୍କ ଶାଶୁ ଅଭିଯୋଗ କରିବାରୁ ପୋଲିସ ଏକ ମାମଲା(ନଂ.୨୦୧ /୨୪) ରୁଜୁକରିଅଚ୍ୟୁତ ଜେନା ଓ ମନୋଜ ପାତ୍ରଙ୍କୁ ସୋମବାର ଗିରଫ କରି କୋର୍ଟଚାଲାଣ କରିଛି ।

# ଖରିଫ ଧାନ ବିକ୍ରି ପାଇଁ ୩୦୨୯ ଚାଷୀଙ୍କ ନାମ ପଞ୍ଜୀକୃତ

**ଧର୍ମଶାଳା,୨।୯(ବଟକୃଷ୍ଣ ପରିଡ଼ା):**

ଯାଜପୁର ଜିଲା ଧର୍ମଶାଳା ବ୍ଲକରେ ଥିବା ୧୩ ସମବାୟ ସମିତି ପକ୍ଷରୁ ଚଳିତ ବର୍ଷ ଧାନ ବିକ୍ରୟ ପାଇଁ ୩୦୨୯ଜଣ ଚାଷୀଙ୍କ ନାମ ପଞ୍ଜିକୃତ କରାଯାଇଛି । ଗତ ବର୍ଷ ୩୨୯୬ଜଣ ଚାଷୀ ପଞ୍ଜିକୃତ କରିଥିବା ବେଳେ ଚଳିତ ବର୍ଷ ଏହ ହ୍ରାସ ପାଇଛି । ଚଳିତ ବର୍ଷ ସ୍ୱଳ୍ପ ବୃଷ୍ଟିପାତ ହେବାରୁ ଧାନ ଅମଳ ବାଧାପ୍ରାପ୍ତ ହେବାର ଅଶଙ୍କା ରହିଛି। ଗତ ବର୍ଷ ଧାନ କ୍ୱିଣ୍ଟାଲ ପିଛା ମୂଲ୍ୟ ୨୧୮୩ ଟଙ୍କା ଥିବା ବେଳେ ଚଳିତ ବର୍ଷ ଏମ୍‌ଏସପି ୨୩୦୦ଟଙ୍କା ରଖାଯାଇଛି। ଏହା ଉପରେ ରାଜ୍ୟ ସରକାର ୮୦୦ ଟଙ୍କା ବୋନସ ଦେବେ ବୋଲି ଘୋଷଣା କରିଛନ୍ତି । ଫଳରେ ଧାନ କୁଇଣ୍ଟାଲ ପ୍ରତି ୩୩୦୦ ଟଙ୍କାରେ ଧାନ ବିକ୍ରି ହେବ । ଅଭୟପୁର ସମବାୟ ସମିତି ପକ୍ଷରୁ ୩୫୫ଜଣ ଚାଷୀ ଧାନ ବିକ୍ରୟ ଲାଗି ପଞ୍ଜିକୃତ କରିଛନ୍ତି ।

ସେହିପରି ଆରୁହା ସେବା ସମବାୟ ସମିତି ଅଧୀନରେ ୩୫୩ଜଣ, ଅରେଇକଣା ସମବାୟ ସମିତିରେ ୨୬୩ଜଣ, ଚୋରମୁହଁ ସମବାୟ ସମିତିରେ ୩୦୦ଜଣ , ଦେଓଦା ସମିତିରେ ୩୫ଜଣ, ଜେନାପୁର ସମିତିରେ ୨୦୬ଜଣ, କଣ୍ଟିଗଡିଆର ୨୮୭ ଜଣ ଚାଷୀ ପଞ୍ଜିକୃତ କରିଛନ୍ତି । ସେହିପରି କୋଠପୁର ସମବାୟ ସମିତି ଅଧୀନରେ ୧୮୯ଜଣ, ମଧୁପୁରଗଡ ସମିତିରେ ୧୭୬ଜଣ, ମହିଶରା ୨୭୬ଜଣ, ମଧୁସୁଦନପୁର ସମିତିରେ ୧୯୫ଜଣ, ମିର୍ଜାପୁର ସମିତିରେ ୮୪, ରେଖିଦେଇପୁର ସମିତିରେ ୩୧୦ଜଣ ମୋଟ ୩୦୨୯ ଚାଷୀ ପଞ୍ଜିକୃତ ହୋଇଛନ୍ତି । ଅଭୟପୁର ସେବା ସମିତିର ସର୍ବାଧିକ ୩୫୫ଜଣ ଚାଷୀ ପଞ୍ଜିକୃତ କରିଥିବା ବେଳେ ଦେଓଦା ସମବାୟ ସମିତିରେ ସର୍ବନିମ୍ନ ୩୫ଜଣ ଚାଷୀ ନାମ ପଞ୍ଜିକୃତ କରିଥିବା ସୂଚନା ମିଳିଛି ।

## ନିଖୋଜ ନାବାଳିକାଙ୍କୁ ଉଦ୍ଧାର କଲା ପୋଲିସ

**ପାଣିକୋଇଲି,୨।୯(ବିକାଶ କୁମାର ମଲିକ):**

ପାଣିକୋଇଳି ଥାନା ଅନ୍ତର୍ଗତ ପଥରପଦା ପଞ୍ଚାୟତ ତାଜପୁର ଗ୍ରାମର ନିଖୋଜ ନାବାଳିକାଙ୍କୁ ପୋଲିସ ଉଦ୍ଧାର କରିଛି । ସୂଚନା ଅନୁଯାୟୀ, ତାଜପୁର ଆଦିବାସୀ ସାହିର ବୁଧିଆ ମୁଣ୍ଡା ତାଙ୍କ ୧୫ ବର୍ଷିୟା ନାବାଳିକା ଝିଅ ଗତ ଅଗଷ୍ଟ ୨୫ରୁ ନିଖୋଜ ହୋଇଥିବା ଅଭିଯୋଗ କରିଥିଲେ । ଏନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା।

# ଖଣ୍ଡରା ପଞ୍ଚାୟତରେ ଅଭିଯୋଗ ଶୁଣାଣି ଶିବିର



ଶିବିରରେ ଅଧିକାରୀମାନେ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି ।

**ଯାଜପୁର,୨।୯(ହର୍ଷବର୍ଦ୍ଧନ ବେହେରା)**

ସୋମବାର ଦଶରଥପୁର ବ୍ଲକ ପ୍ରଶାସନ ପକ୍ଷରୁ ଖଣ୍ଡରା ଗ୍ରାମପଞ୍ଚାୟତରେ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦଶରଥପୁର ବ୍ଲକ ଉନ୍ନୟନ ଅଧିକାରୀ ଆକାଶ ପଟ୍ଟନାୟକ, ତହସିଲଦାର ବିକ୍ରମ ପରିଡ଼ା, ସିଡିପିଓ ଶାନ୍ତିଲତା ସେଠୀ, ଯୋଗାଣ ଅଧିକାରିଣୀ ତପସ୍ୱିନୀ ରାୟଙ୍କ ସମେତ ବ୍ଲକର ବିଭିନ୍ନ ବିଭାଗ ଅଧିକାରୀମାନେ ଉପସ୍ଥିତ ଥିଲେ। ଏଥିରେ ଆବାସ ଯୋଜନା ପାଇଁ ୧୯୦, ଭତ୍ତା ଲାଗି ୧୩, ରାଶନ କାର୍ଡ ସମ୍ପର୍କିତ ୫୬, ଶୌଚାଳୟ ନିମନ୍ତେ ୫ ଓ ଅନ୍ୟାନ୍ୟ ୪୭ଟି ଅଭିଯୋଗ ଦାଖଲ ହୋଇଛି। ସେହିପରି୧୮ ଟି ସାମୂହିକ ଅଭିଯୋଗର ଶୁଣାଣି ହୋଇଛି।

# ଖବର ପ୍ରକାଶ ପରେ ବିଭାଗୀୟ ତତ୍ପରତା

**ବରୀ,୨।୯(ମହେନ୍ଦ୍ର ସ୍ୱାଇଁ):**

ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନ ରାଜାତୋଟା-ଅଣିକଣା ସେତୁର ଆପ୍ରୋଚ ରୋଡ଼ କାର୍ଯ୍ୟ ଶେଷ ହେବାର ୨ ବର୍ଷ ନ ପୂରୁଣୁ ଲଗାଣ ବର୍ଷାରେ ଭୁଶୁଡି ପଡିଥିଲା। ଏ ସଂକ୍ରାନ୍ତରେ ଏକ ରିପୋର୍ଟ ଗତ ୧ ତାରିଖ ଧରିତ୍ରୀରେ ପ୍ରକାଶ ପାଇବା ପରେ ଗ୍ରାମ୍ୟ ଉନ୍ନୟନ ବିଭାଗର ଚେତା ପଶିଛି। ସୋମବାର ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ମାନସ ରଞ୍ଜନ ବେହେରା ଘଟଣା ସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ବର୍ଷା ଯୋଗୁ କ୍ଷତିଗ୍ରସ୍ତ ହୋଇଥିବା ରାସ୍ତାର ମରାମତି ନିମନ୍ତେ ଜଣେ ଠିକାଦାରଙ୍କୁ ଦାୟିତ୍ୱ ଦେବା ପରେ କାମ ଆରମ୍ଭ ହୋଇଛି।

ଅପରପକ୍ଷେ ବରୀ ବ୍ଲକ୍‌ର କାଦମ୍ବିନୀ ପାଳ ମହିଳା ମହାବିଦ୍ୟାଳୟ ସେହି ଅଞ୍ଚଳର ଏକମାତ୍ର ମହିଳା କଲେଜ। ସେହି କଲେଜକୁ ଆସୁଥିବା ଛାତ୍ରୀମାନେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ରାଜତୋଟା- ଅଣିକଣା ସେତୁର ରାଜତୋଟା ପାର୍ଶ୍ୱରେ ଥିବା ଏହି ମହାବିଦ୍ୟାଳୟ ଫାଟକ ସମ୍ମୁଖରେ ଗ୍ରାମ୍ୟ ଉନ୍ନୟନ ବିଭାଗର ବେଆଇନ କାର୍ଯ୍ୟ ଯୋଗୁ ଛାତ୍ରୀମାନେ




କାଦମ୍ବିନୀ ପାଳ ମହିଳା ମହାବିଦ୍ୟାଳୟ ସମ୍ମୁଖ ରାସ୍ତା ।

ଯାତାୟତ କରିବାରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ମର୍ମରେ ମହାବିଦ୍ୟାଳୟର ଅଧ୍ୟକ୍ଷା ଓ ଛାତ୍ରୀମାନେ କାର୍ଯ୍ୟ ହେଉଥିବା ସ୍ଥାନରେ ଉପସ୍ଥିତ ଥିବା ଗ୍ରାମ୍ୟ ଉନ୍ନୟନ ବିଭାଗର କନିଷ୍ଠ ଯନ୍ତ୍ରୀଙ୍କୁ ଏ ସଂକ୍ରାନ୍ତରେ ଅବଗତ କରିଥିଲେ। ଉକ୍ତ କାର୍ଯ୍ୟ ବ୍ୟୟ ଅଟକଳରେ ସାମିଲ ନ ଥିବାରୁ ଉକ୍ତ କାମ କରିବା ସମ୍ଭବ ନୁହେଁ ବୋଲି ପ୍ରକାଶ କରିଥିଲେ । ଏ ବିଷୟରେ ବିଭାଗୀୟ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନ ନେଲେ ଆଗାମୀ ଦିନରେ ଏହି ମହାବିଦ୍ୟାଳୟର ଛାତ୍ରୀମାନେ ଉକ୍ତ ସେତୁ ଉପରେ ଧାରଣାରେ ବସିବେ ବୋଲି ଗଣମାଧ୍ୟମକୁ କହିଛନ୍ତି। ଏ ସଂକ୍ରାନ୍ତରେ କନିଷ୍ଠ ଯନ୍ତ୍ରୀ ବେହେରା କହିଛନ୍ତି, ମହାବିଦ୍ୟାଳୟର ଅଧ୍ୟକ୍ଷା ଓ ଛାତ୍ରୀମାନଙ୍କ ଅଭିଯୋଗକୁ ଭିତ୍ତିକରି ମୁଁ ଏ ସଂକ୍ରାନ୍ତରେ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଇବି। କିଭଳି ଏହି ରାସ୍ତା ଦେଇ ମହାବିଦ୍ୟାଳୟକୁ ଛାତ୍ରୀମାନେ ସହଜରେ ଯାତାୟତ କରିପାରିବେ ସେ କ୍ଷେତ୍ରରେ ଆମ ବିଭାଗ ଗୁରୁତ୍ୱ ଦେବ।

# ଜଳସେଚନ ସମସ୍ୟା ସମାଧାନ ଉପରେ ଗୁରୁତ୍ୱ

**କ୍ଷେତ୍ର ପରିଦର୍ଶନ କଲେ ବିଧାୟକ ଓ ବିଭାଗୀୟ ଅଧିକାରୀ**

**ଚଣ୍ଡିଖୋଲ,୨।୯(ପ୍ରଦୀପ୍ତ କୁମାର ପୃଷ୍ଟି):**

ଯାଜପୁର ଜିଲା ବଡ଼ଚଣା ନିର୍ବାଚନ ମଣ୍ଡଳୀରେ ଜଳସେଚିତ ଚାଷ ଜମିକୁ କେନାଲ ପାଣି ପହଞ୍ଚି ପାରୁ ନ ଥିବାରୁ ଏ ନେଇ ଚାଷୀମାନେ ବଡ଼ଚଣା ବିଧାୟକ ଅମର କୁମାର ନାୟକଙ୍କ ନିକଟରେ ଅଭିଯୋଗ କରିଥିଲେ। ଚାଷୀମାନଙ୍କ ସମସ୍ୟାକୁ ହୃଦୟଙ୍ଗମ କରି ରବିବାର ବିଧାୟକ ଜଳ ସମ୍ପଦ ବିଭାଗ ର ଅଧିକାରୀମାନଙ୍କୁ ସାଥିରେ ଧରି କ୍ଷେତ୍ର ପରିଦର୍ଶନ କରିଥିଲେ। ବଡ଼ଚଣା ବ୍ଲକ ଅନ୍ତର୍ଗତ ଭରତପୁର, ବରଦା, ବିକ୍ରମ ତିରଣ, ପଲେଇ ଓ ବାଲିପଡିଆ ପଞ୍ଚାୟତର ବିଭିନ୍ନ ସ୍ଥାନ ପରିଦର୍ଶନ କରିଥିଲେ। ଗୋବଣ୍ଡିଆ, ମାତକାତ ପୁର, ପଣସୁଧା,ଭରତ ପୁର,ବାଲି ପଡିଆ,ଦେକୁରୀ,ବରଦା ଆଦି ଗ୍ରାମକୁ କେନାଲର ଦୂରତା ଯୋଗୁ ଚାଷ ଜମିରେ



ବିଧାୟକ ଅଧିକାରୀମାନଙ୍କ ସହ ଆଲୋଚନା କରୁଛନ୍ତି ।

ପାଣି ପହଞ୍ଚି ପାରୁ ନ ଥିବା ଚାଷୀମାନେ ଅଭିଯୋଗ କରିଥିଲେ। କେତେକ ସ୍ଥାନରେ କେନାଲ ଜବରଦଖଲ ଯୋଗୁଁ ପାଣି ଯାଇ ପାରୁ ନ ଥିବା, କେନାଲ ସଫେଇ ନ ହେବାରୁ ପାଣି ସମସ୍ୟା ଉତ୍କଟ ହେଉଥିବା, ପଞ୍ଚାମୁଣ୍ଡାଇ କେନାଲର ତିଗିରିଆ ନିକଟରେ ରହିଥିବା ପୋଲ ଉଚ୍ଚତା କମ୍ ଥିବାରୁ ଏହାର ଉଚ୍ଚତା ବୃଦ୍ଧି ପାଇଁ ଚାଷୀ ଓ ସ୍ଥାନୀୟ ଗ୍ରାମବାସୀ ଦାବି କରିଥିଲେ। ଏହାକୁ ଦୃଷ୍ଟିରେ ରଖି ଉପସ୍ଥିତ ଜଳ ସମ୍ପଦ ବିଭାଗର ଅଧିକାରୀମାନଙ୍କୁ ତୁରନ୍ତ ସମସ୍ୟାର ସମାଧାନ କରିବାକୁ ବିଧାୟକ କହିଥିଲେ। ଏହି ସ୍ଥାନଗୁଡ଼ିକ ଦୁଇଟି ଡିଭିଜନ ଅଧୀନରେ ଥିବାରୁ ଉଭୟ ଡିଭିଜନର ଅଧିକାରୀମାନେ କ୍ଷେତ୍ର ପରିଦର୍ଶନରେ ସାମିଲ ହୋଇଥିଲେ।ମହାନଦୀ ନର୍ଥ ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀ ସନ୍ଦୀପ କୁମାର, ସହକାରୀ ନିର୍ବାହୀ ଯନ୍ତ୍ରୀ ଗଦାଧର ବାରିକ, ସହକାରୀ ଯନ୍ତ୍ରୀ ସାରଦା ପ୍ରସନ୍ନ ସେଠୀ, କେନ୍ଦ୍ରାପଡ଼ା ଡିଭିଜନର ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରମୋଦ କୁମାର ରାୟ, ସହକାରୀ ଯନ୍ତ୍ରୀ ଗୋରାଶିଷ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ୫ ଟି ପଞ୍ଚାୟତର ଚାଷୀମାନେ ସେଠାରେ ରହି ଅଭିଯୋଗ କରିଥିଲେ।

## ସଂକ୍ଷେପରେ

### ଖେଳୁଥିବାବେଳେ ପଡ଼ି ୫ମ ଶ୍ରେଣୀ ଛାତ୍ରୀଙ୍କ ମୃତ୍ୟୁ

**ଅତ୍ୟଧିକ ମୋବାଇଲ ଦେଖି ଶିରା ଖରାପ ହୋଇଥିଲା**

ଡେରାବିଶ,୨।୯( ବେବର୍ତ୍ତା ଅଜୟ ଦାସ)

ମୋବାଇଲର ଅତ୍ୟଧିକ ବ୍ୟବହାର ଓ ଏଥିରେ ଗେମ୍ ଖେଳିବା ସମସ୍ତଙ୍କ ସ୍ୱାସ୍ଥ୍ୟ ପାଇଁ ବିପଦ ଥିବା ନେଇ ଡାକ୍ତର ଓ ବୈଜ୍ଞାନିକମାନେ କହୁଛନ୍ତି। ହେଲେ ଏହାକୁ ନମାନି ବହୁ ଛୋଟ ପିଲା ଓ ଯୁବକମାନେ ସେମାନଙ୍କ ଜୀବନକୁ ବିପନ୍ନରେ ପକାଉଥିବା ପରି ଖବର ଏକ ନିତିଦିନିଆ ଘଟଣା ହୋଇଗଲାଣି। ତେବେ ଏପରି ଦୁଃଖଦ ଏକ ଘଟଣା କେନ୍ଦ୍ରାପଡ଼ା ଜିଲା ଡେରାବିଶ ଥାନା ଅଞ୍ଚଳରେ ଘଟିଛି। ଅତ୍ୟଧିକ ମୋବାଇଲ ଗେମ ଖେଳି ପୂର୍ବରୁ ବେକର ଡାହାଣ ଶିରା ସଂକ୍ରମଣ ଥିବା ଜଣେ ୫ମ ଶ୍ରେଣୀର ଛାତ୍ରୀ ନିଜ ଘର ଆଗରେ ଖେଳୁଥିବାବେଳେ ରବିବାର ଅପରାହ୍ନରେ ହଠାତ୍ ପଡ଼ି ଯାଇଥିଲେ। ତାଙ୍କୁ ଚିକିତ୍ସା ପାଇଁ ନିଆଯାଇଥିବା ବେଳେ ସେମବାର ତାଙ୍କର ମୃତ୍ୟୁ ହୋଇଛି। ଛାତ୍ରୀ ଜଣକ ହେଲେ ଥାନା ଅଧୀନ ଏଣ୍ଡର ପଞ୍ଚାୟତ ଡେରାଡିହ ଗ୍ରାମର ସୁଶାନ୍ତ କୁମାର ମଲିକଙ୍କ ଝିଅ ପ୍ରୀୟଦର୍ଶିନୀ ପଦ୍ମିନୀ (୧୦)। ମୃତା ଛାତ୍ରୀ ପ୍ରିୟଦର୍ଶିନୀ ସ୍ଥାନୀୟ କେଉଟକଣ୍ଡିଆ ପ୍ରାଥମିକ ବିଦ୍ୟାଳୟରେ ୫ମ ଶ୍ରେଣୀରେ ପଢୁଥିଲେ। ସୂଚନା ଅନୁଯାୟୀ, ବେକ ଶିରା ଦରଜର ଶିକାର ଥିବା ଛାତ୍ରୀ ପ୍ରିୟଦର୍ଶିନୀ ତାଙ୍କ ଘର ଆଗରେ ଖେଳୁଥିବା ବେଳେ ହଠାତ ତଳେ ପଡ଼ି ଯାଇଥିଲେ। ପରିବାର ଲୋକେ ତୁରନ୍ତ ତାଙ୍କୁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ଗୁରୁତର ପ୍ରିୟଦର୍ଶିନୀଙ୍କୁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ତାଙ୍କ ମୃତ୍ୟୁ ଘଟିଥିଲା। ପ୍ରିୟଦର୍ଶିନୀଙ୍କ ଏପରି ଅକାଳ ମୃତ୍ୟୁ ଖବର ଅଞ୍ଚଳବାସୀ ସମେତ ପଢୁଥିବା ସ୍କୁଲର ଶିକ୍ଷକ ଓ ଛାତ୍ରୀଛାତ୍ର ମହଲକୁ ବିବ୍ରତ କରି ଦେଇଛି।

### ଯୋରରୁ ବୃଦ୍ଧଙ୍କ ମୃତଦେହ ଜବତ

ରାଜକନିକା, ୨।୯(ସଞ୍ଜୟ କୁମାର ଦାଶ/ରବୀନ୍ଦ୍ର କୁମାର ଦାସ)

ରାଜକନିକା ଥାନା କେଶନଗର ଗାଁ ପାଖ ଯୋରରୁ ବୃଦ୍ଧଙ୍କ ମୃତଦେହ ଜବତ ହୋଇଛି। ସେ ହେଲେ ଭାରିଗଦା ପଞ୍ଚାୟତ କେଶନଗର ଗାଁର ଦୁର୍ଯ୍ୟୋଧନ ସାହୁ(୭୩)। ରବିବାର ମଧ୍ୟାହ୍ନ ସମୟରେ ଦୁର୍ଯ୍ୟୋଧନଙ୍କୁ ଖାଇବା ପାଇଁ ପରିବାର ଲୋକ ଖୋଜାଖୋଜି କରିଥିଲେ। ଖୋଜାଖୋଜି ପରେ ଯୋର ପାଖରେ ଏକ ଜାଗାରେ ଦୁର୍ଯ୍ୟୋଧନଙ୍କ ହାତଧରା ବାଡ଼ି ଓ ଚପଲ ଦେଖିବାକୁ ପାଇଥିଲେ। ଯୋରରେ ପଡ଼ି ଯାଇଥିବା ସନ୍ଦେହ କରି ରାଜକନିକା ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ ବିଭାଗ କର୍ମଚାରୀମାନେ ଆସି ଖୋଜାଖୋଜି ପରେ ଦୁର୍ଯ୍ୟୋଧନଙ୍କୁ ନ ପାଇ ଫେରି ଯାଇଥିଲେ। ସୋମବାର ସକାଳେ ସେ ପାଣିରେ ଭାସୁଥିବା ଗାଁ ଲୋକ ଦେଖିବାକୁ ପାଇଥିଲେ। ପରିବାର ଲୋକ ଓ ଗ୍ରାମବାସୀ ପାଣିରୁ ଉଠାଇ ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ତାଙ୍କୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଆଜି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି।

### ପ୍ରଶାସନିକ ଶୁଣାଣି ଶିବିରରେ ୨୨୮ ଅଭିଯୋଗ

କେନ୍ଦ୍ରାପଡ଼ା, ୨।୯ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ସହରର ଟାଉନ ହଲ୍‌ଠାରେ ପ୍ରଶାସନିକ ଜିଲାସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସ୍ମୃତିରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ୨୨୮ ଅଭିଯୋଗ ଆସିଥିଲା। ଏଥିମଧ୍ୟରୁ ୧୮୭ଟି ବ୍ୟକ୍ତିଗତ ଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରେ ଆବାସ ଯୋଜନା, ଭତ୍ତା, ରାଶନ କାର୍ଡ, ଚିକିତ୍ସା ସହାୟତା ଆଦି ରହିଥିଲା। ସେହିପରି ୪୧ଟି ସାମୂହିକ ଅଭିଯୋଗ ମଧ୍ୟରେ ଜମି ବିବାଦ, ପାନୀୟ ଜଳ, ରାଶନ ସାମଗ୍ରୀ ଯୋଗାଣ, ଶିକ୍ଷା ବ୍ୟବସ୍ଥା, କ୍ଷେତକୁ ଜଳ ପରିଚାଳନା, ଗ୍ରାମ୍ୟ ରାସ୍ତା ଜବରଦଖଲ ଆଦି ରହିଥିଲା। ଶୁଣାଣି ସମୟରେ କେତେକ ସମସ୍ୟାର ସମାଧାନ ହୋଇଛି। ଅବଶିଷ୍ଟକୁ ୭ଦିନ ମଧ୍ୟରେ ସମାଧାନ ପାଇଁ ଜିଲାପାଳ ପ୍ରଧାନ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ରେଡ୍‌କ୍ରସ୍‌ରୁ ସହାୟତା ଓ ସାମାଜିକ ସୁରକ୍ଷା ପାଇଁ ୨୧ ଜଣଙ୍କୁ ବିଭିନ୍ନ ଯୋଜନାରେ ସାମିଲ କରାଯାଇଥିଲା। ଏହି ଶିବିରରେ ଏଡିଏମ୍ ନିଲୁ ମହାପାତ୍ର, ଉପଜିଲାପାଳ ରବୀନ୍ଦ୍ର କୁମାର ପ୍ରଧାନ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ରୂପାଲୀ ପ୍ରିୟଦର୍ଶିନୀ, ସିଏସ୍‌ଓ ଶ୍ରୀନିବାସ ସାହୁଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ସାମିଲ ହୋଇଥିଲେ।

# ଡେରାବିଶରେ ବାର୍ଡ ଫ୍ଲୁ ଭୟ ବ୍ୟାପିଲା

**ସାଧାରଣରେ ଆତଙ୍କ**

■ ପ୍ରାଣୀଧନ, ସ୍ୱାସ୍ଥ୍ୟ ବିଭାଗ ଅଧିକାରୀଙ୍କ ତନାଘନା

ଡେରାବିଶ, ୨।୯(ବେବର୍ତ୍ତା ଅଜୟ ଦାସ)




ଡେରାବିଶରେ ବାର୍ଡ ଫ୍ଲୁ ଆଶଙ୍କା ନେଇ ପ୍ରାଣୀ ଚିକିତ୍ସକମାନେ କୁକୁଡ଼ା ଫାର୍ମକୁ ବୁଲି ଦେଖୁଛନ୍ତି।

ପୁରୀ ଜିଲା ପିପିଲି, ନିମାପଡ଼ା ବ୍ଲକ୍ ପରେ କେନ୍ଦ୍ରାପଡ଼ା ଜିଲାରେ ବାର୍ଡ ଫ୍ଲୁ ଭୟ ଦେଖାଦେଇଛି। ଜିଲା ଅନ୍ତର୍ଗତ ଡେରାବିଶ ବ୍ଲକ୍‌ର ନରସିଂହପୁର ଗ୍ରାମରେ ରବିବାର ପାଟନାଳୀ ଓ ରାସ୍ତାପାର୍ଶ୍ୱରେ ଥିବା ପଡ଼ିଆରେ ମଲା କୁକୁଡ଼ା ବୋଝେଇ ବସ୍ତା ମିଳିଥିଲା। ଅତ୍ୟଧିକ ଦୁର୍ଗନ୍ଧଯୁକ୍ତ ଏହି ମଲା କୁକୁଡ଼ାକୁ ଖାଇ କୁକୁର ଓ ବିଲୁଆମାନେ ଏଣେତେଣେ ବୁଲୁଥିବା ଦେଖିବାକୁ ମିଳିଥିଲା। ଖବରପାଇ ଜିଲା ମୁଖ୍ୟ ପ୍ରାଣୀଧନ ଅଧିକାରୀ ଡା. ସୁବ୍ରତ କୁମାର ମହାପାତ୍ରଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଜିଲା ମୁଖ୍ୟ ପ୍ରାଣୀଧନ ଅଧିକାରୀ ଡା. ମୃତ୍ୟୁଞ୍ଜୟ ମହାନ୍ତି ଓ ବ୍ଲକ୍ ପ୍ରାଣୀଧନ ଅଧିକାରୀ ଡା. ଦିଲୀପ କୁମାର ସେଠୀ ମୃତ କୁକୁଡ଼ାଙ୍କ ରକ୍ତ ନମୁନା ସଂଗ୍ରହକରି ଫେରିଯାଇଥିଲେ।

ସୋମବାର ବିଭିନ୍ନ ସ୍ଥାନରେ କୁକୁଡ଼ା ମଡ଼କକୁ ନେଇ ବାର୍ଡ ଫ୍ଲୁ ଯୋଗୁ ସାଧାରଣରେ ଆତଙ୍କ ଖେଳିଯାଇଛି। ପ୍ରାଣୀଧନ ଓ ସ୍ୱାସ୍ଥ୍ୟ ଅଧିକାରୀମାନେ ଗାଁକୁ ଯାଇ ତନାଖନା କରୁଛନ୍ତି।

ସୋମବାର ଏଣ୍ଡର ପଞ୍ଚାୟତର ଏଣ୍ଡର ଓ ନୀଳକଣ୍ଠପୁର ସମେତ ଗୋଲରାହାଟ, ଲକ୍ଷ୍ମୀନାରାୟଣପୁର, ଚାଟରାଚକଡ଼ା ଓ ବାଲିଆ ଇତ୍ୟାଦି ପଞ୍ଚାୟତସ୍ଥିତ ବିଭିନ୍ନ କୁକୁଡ଼ା ଫାର୍ମରେ ଚଢ଼ାଉକରି ପ୍ରାଣୀଧନ ଅଧିକାରୀମାନେ ମଲା କୁକୁଡ଼ାଙ୍କ ରକ୍ତ ନମୁନା ସଂଗ୍ରହ କରିବା ସହ ଗ୍ରାମବାସୀଙ୍କୁ ବର୍ତ୍ତମାନ ସମୟରେ କୁକୁଡ଼ା ମାଂସ ନ ଖାଇବା ପାଇଁ ସଚେତନ କରିଥିଲେ। ଏଥିସହ ରାଜ୍ୟ ଜନସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ନରସିଂହପୁର ଗ୍ରାମକୁ ଯାଇ ବାର୍ଡ ଫ୍ଲୁ ଭୂତାଣୁ ସଂକ୍ରମଣରୁ ରକ୍ଷାପାଇବା ନିମନ୍ତେ ପଞ୍ଚାୟତବାସୀଙ୍କୁ ସଚେତନ କରାଇଥିଲେ। ବିଭିନ୍ନ ଅଞ୍ଚଳରେ ଏତେ ସଂଖ୍ୟାରେ କୁକୁଡ଼ା ମଡ଼କ ନେଇ ବାର୍ଡ ଫ୍ଲୁ ଆଶଙ୍କା ଏକ ପ୍ରକାର ନିଶ୍ଚିନ୍ତ ହୋଇଥିବା ନେଇ ସାଧାରଣରେ ଭୟ ସୃଷ୍ଟି ହୋଇଛି। ଅପରପକ୍ଷରେ ଜିଲା ମୁଖ୍ୟ ପ୍ରାଣୀଧନ ଅଧିକାରୀ ଡା. ମହାପାତ୍ରଙ୍କ ସୂଚନା ଅନୁଯାୟୀ ରବିବାର ହେବ ମଲା କୁକୁଡ଼ାଙ୍କ ରକ୍ତ ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ଲାବରେଟୋରିକୁ ପଠାଯାଇଛି। ରିପୋର୍ଟ ଆସିବା ପରେ ବାର୍ଡ ଫ୍ଲୁ କାରଣରୁ କି ଅନ୍ୟ କାରଣରୁ କୁକୁଡ଼ାଙ୍କ ମୃତ୍ୟୁ ହେଉଛି ତାହା ଜଣାପଡ଼ିବ ବୋଲି କହିଛନ୍ତି। ବିଭାଗୀୟ କର୍ମଚାରୀମାନେ ବିଭିନ୍ନ ଗ୍ରାମକୁ ଯାଇ କୁକୁଡ଼ା ଫାର୍ମକୁ ତନଖି କରିବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସେ କହିଛନ୍ତି।

# ଗୋଷ୍ଠୀ କେନ୍ଦ୍ର ନିର୍ମାଣରେ ବିଳମ୍ବ ବିଡିଓଙ୍କୁ ଦାବିପତ୍ର

କେନ୍ଦ୍ରାପଡ଼ା,୨।୯ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ପୁରୁଣା ବସ୍‌ଷ୍ଟାଣ୍ଡସ୍ଥିତ ଡାଇମଣ୍ଡ ଜୁବୁଲି ପାଠାଗାର ଉପରେ ନିର୍ମାଣରଧୀନ ଗୋଷ୍ଠୀ କେନ୍ଦ୍ରର କାମ ତୁରନ୍ତ ଶେଷ କରିବାକୁ ବିଭିନ୍ନ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ(ଏସ୍‌ଏଚ୍‌ଜି) ପକ୍ଷରୁ କେନ୍ଦ୍ରାପଡ଼ା ବିଡିଓଙ୍କୁ ସୋମବାର ଦାବିପତ୍ର ପ୍ରଦାନ କରାଯାଇଛି।

ଏସ୍‌ଏଚ୍‌ଜି ମହିଳାମାନଙ୍କର ସମସ୍ୟା ଉପୁଜିଲେ ତାହାର ସମାଧାନ ପାଇଁ ସହରରେ କୌଣସି ସ୍ଥାନ ନାହିଁ। ଫଳରେ ମହିଳାମାନେ ବୈଠକ କରିବାରେ ସମସ୍ୟାରେ ପଡୁଥିଲେ। ଏ ନେଇ ଏସ୍‌ଏଚ୍‌ଜି ପକ୍ଷରୁ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରାଯାଇଥିଲା। ୨୦୨୩ ନଭେମ୍ବରରେ ପୂର୍ବ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ପାଣ୍ଠିରୁ ୮ ଲକ୍ଷ ଟଙ୍କା ବ୍ୟୟ ମଞ୍ଜୁର କରାଯାଇ ଗୃହକାର୍ଯ୍ୟ ଆରମ୍ଭ ହୋଇଥିଲା। କିନ୍ତୁ ୧୦ମାସ ବିତିଯାଇଥିଲେ ବି ସେହି ଗୋଷ୍ଠୀ କେନ୍ଦ୍ରର ନିର୍ମାଣ କାର୍ଯ୍ୟ ଶେଷ ହୋଇପାରୁନାହିଁ। ଫଳରେ ମହିଳାମାନଙ୍କ ଉଦ୍ଦେଶ୍ୟ ସାଧିତ ହୋଇପାରୁନାହିଁ। ତୁରନ୍ତ ଏହାର ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ବରଦା ସରିଫ୍ ଏସ୍‌ଏଚ୍‌ଜିର ସଭାନେତ୍ରୀ ପୂର୍ଣ୍ଣିମା ବେହେରା, ଫ୍ରିଡମ୍ ଏସ୍‌ଏଚ୍‌ଜିର ସଭାନେତ୍ରୀ ସଲମା ବିବି, ସରସ୍ୱତୀ ଏସ୍‌ଏଚ୍‌ଜିର ସଭାନେତ୍ରୀ ସରସ୍ୱତୀ ସାହୁ, ମା’ସିମ୍ଳଲାଇ ଏସ୍‌ଏଚ୍‌ଜିର ସଭାନେତ୍ରୀ ତଲିପ୍ରଭା ମେକାପ୍, ସାଇରାମ ଏସ୍‌ଏଚ୍‌ଜିର ସଭାନେତ୍ରୀ ପାର୍ବତୀ ବେହେରା, ମା’ ବିରଜା ଏସ୍‌ଏଚ୍‌ଜିର ସଭାନେତ୍ରୀ ରୀନା ବେହେରା, ଇନ୍ଦିରା ଏସ୍‌ଏଚ୍‌ଜିର ସଭାନେତ୍ରୀ ସୋଫିଆ ଖାତୁନ୍, କାଜଲ୍ ଏସ୍‌ଏଚ୍‌ଜିର ସଭାନେତ୍ରୀ ସାହାନା ପରୱିନ୍, ଶକ୍ତି ପ୍ରତିବେଶୀ ଏସ୍‌ଏଚ୍‌ଜିର ସଭାନେତ୍ରୀ ସୁପ୍ରଭା ଦାସ, ଇସଲାମିଆ ଏସ୍‌ଏଚ୍‌ଜିର ସଭାନେତ୍ରୀ ଜାହାନବିଆ ବିବି, ମୟୂର ଏସ୍‌ଏଚ୍‌ଜିର ସଭାନେତ୍ରୀ ଫାତମା ବିବିପ୍ରମୁଖ କେନ୍ଦ୍ରାପଡ଼ା ବିଡିଓଙ୍କ ନିକଟରେ ଦାବି କରିଛନ୍ତି।

# ଅଟ୍ରୋସିଟି ମାମଲାରେ ହେଉନି ଯୁଗ୍ମ ତଦନ୍ତ

**ଜିଲାପାଳଙ୍କୁ ମୂଳ ନିବାସୀ ୟୁନାଇଟେଡ ଫୋରମ୍‌ର ଅଭିଯୋଗ**

କେନ୍ଦ୍ରାପଡ଼ା,୨।୯ (ଜଗନ୍ନାଥ ଧଳ)



ୟୁନାଇଟେଡ୍ ଫୋରମ ପକ୍ଷରୁ ଜିଲାପାଳଙ୍କୁ ଅଭିଯୋଗ କରାଯାଉଛି।

ଅନୁସୂଚିତ ଜାତି ଓ ଜନଜାତି ଉପରେ ହେଉଥିବା ଅତ୍ୟାଚାର ଅଧୀନିୟମ (ଅଟ୍ରୋସିଟି) ମାମଲାରେ ମାଜିଷ୍ଟ୍ରେଟ ଓ ତଦନ୍ତକାରୀ ଅଧିକାରୀଙ୍କ ଯୁଗ୍ମ ତଦନ୍ତ ହେଉନି। ଜାତିଗତ ନିର୍ଯାତନା ମାମଲା ବା ପୋସକୋ ମାମଲାର ଦାୟିତ୍ୱ ନେଉଥିବା ଅଧିକାରୀମାନେ ଜଣେ କାର୍ଯ୍ୟନିର୍ବାହୀ ବା ତାଲୁକ ମାଜିଷ୍ଟ୍ରେଟଙ୍କ ଜରିଆରେ ତଦନ୍ତ କରିବା ନିୟମ ଅଛି। ମାତ୍ର ଅଧିକାରୀମାନଙ୍କ ଅପାରଗତା ଯୋଗୁ ଗୋଟେ ଗୋଟେ ମାମଲାର ୨ରୁ ୩ ବର୍ଷ ମଧ୍ୟରେ ଫଇସଲା କରାଯାଉନାହିଁ ବୋଲି ଜିଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ଓ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ଜନଶୁଣାଣି ବେଳେ ମୂଳନିବାସୀ ୟୁନାଇଟେଡ଼ ଫୋରମ ପକ୍ଷରୁ ଅଭିଯୋଗ କରାଯାଇଛି।

ଫୋରମ୍‌ର ରାଜ୍ୟ କାର୍ଯ୍ୟକାରୀ ଅଧ୍ୟକ୍ଷ ମନୋରଞ୍ଜନ ଜେନା ଅଭିଯୋଗପତ୍ରରେ ଦର୍ଶାଇଛନ୍ତି ଯେ, ଉପରୋକ୍ତ ମାମଲା ସମ୍ବନ୍ଧରେ କୌଣସି ଗୋଟିକର ବି ତହସିଲଦାର, ଅତିରିକ୍ତ ତହସିଲଦାର ଜାଣନ୍ତି ନାହିଁ କି ଘଟଣାସ୍ଥଳକୁ ଯାଉନାହାନ୍ତି। ଏପରିକି ଡିଏସ୍‌ପିମାନଙ୍କୁ ପୀଡ଼ିତ ପରିବାର ଭୟଭୀତ ହୋଇ ଠିକ୍ ବୟାନ ଦେଇପାରନ୍ତିନାହିଁ। ଦିଆଯାଇଥିବା ବୟାନକୁ ତଦନ୍ତକାରୀ ଅଧିକାରୀ ପ୍ରଭାବିତ ଓ ପ୍ରଲୋଭିତ ହୋଇ ବଦଳାଇ ଦେଉଥିବାରୁ ନ୍ୟାୟ ମିଳେ ନାହିଁ। ତହସିଲଦାର ନ ରହିବାରୁ ସହଜ ହୁଏ ନାହିଁ। ତେଣୁ ସେମାନେ ଏହି ଉଭୟପକ୍ଷଙ୍କ ଜାତି ପ୍ରମାଣପତ୍ର ବି ଦେବାରେ ବର୍ଷବର୍ଷ ଲଗେଇ ଦିଅନ୍ତି। ଅନେକ ଏହି ମାମଲାରେ ଜିଆର ହୋଇ ପାରି ନ ଥାଏ। ଏବେ ଜିଲାରେ ଶତାଧିକ ମାମଲା ବିଭିନ୍ନ ତହସିଲରେ ପଡ଼ି ରହିଛି। ତଦନ୍ତ ଅଧିକାରୀମାନେ ଜିଆର ଆସିନାହିଁ କହି ଗଡ଼େଇ ଚାଲିଥିବାବେଳେ ତହସିଲର ଆର୍‌ଆଇମାନେ ଚୁପଚାପ ପକ୍ଷଙ୍କଠାରୁ ହାତ ଗୁଞ୍ଜା ନେଇ ଚାପି ଦେଉଛନ୍ତି। ତେଣୁ ଯଦି ଯୁଗ୍ମ ତଦନ୍ତ ହୋଇଥାଆନ୍ତା ତେବେ ସ୍ଥିତି ସହ ବ୍ୟବସ୍ଥା ସୁପ୍ରସାରି କାର୍ଯ୍ୟକ୍ଷମ ହୋଇଥାନ୍ତା। ଜିଆରକୁ ଡିଏସ୍‌ପି, ଏସ୍‌ଡିପିଓମାନେ ଦୀର୍ଘଦିନ ପରେ ଚିଠି କରି ପଠାଇ ଦେଉଥିବାରୁ ଅସୁବିଧା ହେଉଛି। ପୀଡ଼ିତା ପରିବାରକୁ ବାରମ୍ବାର ଜିଲା ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଯାଇ ଲାଞ୍ଚ ଦେବାକୁ ବା ଦଲାଲର ଶିକାର ହେବାକୁ ପଡୁଛି। ତେଣୁ ଏହା ଉପରେ ଗୁରୁତର ସହ ବିଚାର ଓ ବକେୟା ପଡ଼ି ରହିଥିବା ଅର୍ଥ ପ୍ରଦାନ ନିମନ୍ତେ ପଦକ୍ଷେପ ନେବାକୁ ସଙ୍ଗଠନ ପକ୍ଷରୁ ଜିଲା ମହିଳା ସଭାନେତ୍ରୀ ସୁପ୍ରଭା ମଲ୍ଲିକ, ଜିଲା ସଂଯୋଜକ ଡ. ଅପୂର୍ବ ରଞ୍ଜନ ସେଠୀ, ଜିଲା ବୌଦ୍ଧ ମହାସଭା ସଭାନେତ୍ରୀ ବିଳାସିନୀ ମଲ୍ଲିକ, ଶଶିକାନ୍ତ ସାହୁ, ବବୁଲୁ ବାହାନ ଦାସ, ବେଲାଳ ସେନା ଦାସ, ମାର୍ଶାଘାଇ ବ୍ଲକ ସଭାପତି ମାନସ ମଲ୍ଲିକ, ବ୍ଲକ ସଭାପତି ଦିଲୀପି ମଲ୍ଲିକ, ଯୁବ ସଂଯୋଜକ ସୁମନ୍ତ ମଲ୍ଲିକ, ରାଜକିଶୋର ମୁଦୁଲି, ପଟ୍ଟାମୁଣ୍ଡାଇ ସଂଯୋଜକ ଈଶୋର ମଲ୍ଲିକ, ଦିଲୀପ କୁମାର ମଲ୍ଲିକ ପ୍ରମୁଖ ନିବେଦନ କରିଛନ୍ତି।

### ୨୭ ଅଭିଯୋଗରୁ ୨୦ ତତ୍କାଳ ସମାଧାନ

**ଯୁଗ୍ମ ଜନଶୁଣାଣି ଶିବିର**

ବାଲିକୁଦା,୨।୯(ତାପସ ସ୍ୱାଇଁ)

ବାଲିକୁଦା ବ୍ଲକ କାର୍ଯ୍ୟାଳୟରେ ସୋମବାର ଜିଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଜେ. ସୋନାଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଶିବିରରେ ୧୨୭ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ଏହି ଅବସରରେ ୨୦ଟି ଅଭିଯୋଗର ତତ୍କାଳ ସମାଧାନ ହୋଇଥିଲା। ଅନ୍ୟାନ୍ୟ ଅଭିଯୋଗଗୁଡ଼ିକର ସମାଧାନ ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ଜିଲାପାଳ ସୋନାଲଙ୍କ ସମେତ ଏସ୍‌ପି ରାହୁଲ ପି.ଆର, ଜିଲା ପରିଷଦ ବିକାଶ ମୁଖ୍ୟ ତଥା ନିର୍ବାହୀ ଅଧିକାରୀ ରବି ନାରାୟଣ ଜେଠୀ, ବିଡିଓ ବିକାଶ ମହାନ୍ତି, ତହସିଲଦାର ଅଂଶୁମାନ ଶତପଥୀ ପ୍ରମୁଖ ଉପସ୍ଥିତ ରହି ଲୋକମାନଙ୍କ ବିଭିନ୍ନ ସମସ୍ୟା ଶୁଣିଥିଲେ। ଶିବିରରେ ୨୦ ଗୋଷ୍ଠୀଗତ ଓ ୧୦୭ ବ୍ୟକ୍ତିଗତ ଅଭିଯୋଗ ସ୍ଥାନ ପାଇଥିଲା। ସେଥିରୁ ୩୫ଟି ଆବାସ ଯୋଜନା, ଖାଉଟି କାର୍ଡ ପାଇଁ ୧୧, ଜମି ଜମା ସଂକ୍ରାନ୍ତୀୟ ୧୦, ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା ପାଇଁ ୩, ଭତ୍ତା ସଂକ୍ରାନ୍ତୀୟ ୧୨, ପୋଲିସ ସହାୟତା ସମ୍ପର୍କିତ ୧ ଏବଂ ୧୫ ଟି ଅନ୍ୟାନ୍ୟ ଅଭିଯୋଗ ରହିଛି। ଅନ୍ୟମାନଙ୍କ ମଧ୍ୟରେ ବାଲିକୁଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକ୍ଷକ ଡା. ହିମାଂଶୁ ଶେଖର ସାହୁ, ଏବିଡିଓ ସଞ୍ଜୟ ଦାସ, ନିର୍ବାହୀ ଯନ୍ତ୍ରୀ ଦୀପ୍ତିରେଖା ମଲ୍ଲିକ, ବ୍ଲକ କୃଷି ଅଧିକାରୀ ସ୍ମିତିକାନ୍ତ ଜେନାଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ବ୍ଲକସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା



ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

ଜଗତ୍‌ସିଂହପୁର,୨।୯ (ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ବଡ଼ବଜାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ପ୍ରଜ୍ଞାନ ମିଶନ ପକ୍ଷରୁ ବ୍ଲକସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ୪ଟି ବର୍ଗରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ୭୦ରୁ ଅଧିକ ଛାତ୍ରୀଛାତ୍ର ଭାଗ ଦେଇଥିଲେ। ଏହାକୁ କଟକ କ୍ରିୟାଯୋଗ ଆଶ୍ରମ ଜଗଦ୍‌ଗୁରୁ ଅନିର୍ବାଣ ନନ୍ଦ ଗିରି ଉଦ୍‌ଘାଟନ କରିଥିଲେ। ପଣ୍ଡିତ ଗୋବିନ୍ଦ ଚନ୍ଦ୍ର ମିଶ୍ର ମୁଖ୍ୟଅତିଥି, ପ୍ରଦୀପ୍ତ ଶତପଥୀ ମୁଖ୍ୟବକ୍ତା ଓ ଡ. ସୁରେନ୍ଦ୍ର କୁମାର ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମିଶନ ଜିଲା ସଂଯୋଜକ ସତ୍ୟବ୍ରତ ବିଶ୍ୱାଳ ଓ ବାସବ ନନ୍ଦ ଏହାକୁ ସଂଯୋଜନା କରିଥିଲେ । ଶେଷରେ ଅଜୟ ଶତପଥୀ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ମିଶନ ବ୍ଲକ ସଂଯୋଜକ ରବୀନ୍ଦ୍ର ନାଥ ମିଶ୍ର ଓ ଆଲୋକ ଖଟୁଆ ସହଯୋଗ କରିଥିଲେ। ବିଜୟ କୁମାର ରଥ, ନବ କିଶୋର ମୁଦୁଲି, ପରମେଶ ପ୍ରସାଦ ତ୍ରିପାଠୀ, ନିରଞ୍ଜନ ପଣ୍ଡା, ଉମେଶଚନ୍ଦ୍ର ଦାସ, ବିନାୟକ ଉପାଧ୍ୟାୟ, ଦେବେନ୍ଦ୍ର ନାଥ ପଣ୍ଡା, ସତ୍ୟଜିତ ଶତପଥୀ, ପ୍ରବୀର କୁମାର ମିଶ୍ର ଓ ଭଗବାନ ଦାସ ବିଚାରକ ଭାବେ ଦାୟିତ୍ୱ ତୁଲାଇଥିଲେ। ପ୍ରତିଯୋଗିତାର ‘କ’ ବିଭାଗରେ ଶ୍ରେୟଂଶି ସାହୁ, ସାଇଶୋଭନ ପତି, ପ୍ରାତିଷ୍ଠା ସାହୁ, ରୋଷନ ଖଟୁଆ, ‘ଖ’ ବିଭାଗରେ ଯୋଗେଶ୍ୱରି ଦାସ, ପ୍ରାଚୀ ପ୍ରତ୍ୟାଶା ଭୂୟାଁ, ରିଆଶୀ ମହାପାତ୍ର, ‘ଗ’ ବିଭାଗରେ ଅନନ୍ୟା ଶୁଭଦର୍ଶିନୀ, ରାକେଶ ଶୁଭଦର୍ଶନ, ସଚ୍ଚିଦାନନ୍ଦ ଦାସ, ବୈଶାଖୀ ସାହୁ, ‘ଘ’ ବିଭାଗରେ ସ୍ମୃତିରେଖା ଶତପଥୀ, ରୁଦ୍ରପ୍ରସାଦ ମିଶ୍ର ପ୍ରମୁଖ କୃତିତ୍ୱ ଅର୍ଜନ କରିଥିଲେ। ସମସ୍ତ କାର୍ଯ୍ୟକ୍ରମରେ ବିଜୟ କୁମାର ରାଉତ, ବିପ୍ଳବ ଚୌଧୁରୀ ଓ ନରେଶ ଦାସ ସହଯୋଗ କରିଥିଲେ।

# ଆମରଣ ଅନଶନ ପାଇଁ ଜିଲାପାଳ, ଏଆର୍‌ସିସିଙ୍କୁ ଲିଖିତ ଦରଖାସ୍ତ

**ବରୁଣା ସମବାୟ ସମିତିରେ ଚାଷୀଙ୍କ ଟଙ୍କା ହେରଫେର ଘଟଣା**

ରାଜକନିକା, ୨।୯(ସଞ୍ଜୟ କୁମାର ଦାଶ)

ରାଜକନିକା ବ୍ଲକ ବରୁଣା କୃଷି ସମବାୟ ସମିତି ଲିଃରେ ଚାଷୀଙ୍କ ଋଣ ଟଙ୍କା ଓ ଛାଡ଼ ଟଙ୍କାକୁ ଚାଷୀଙ୍କ ଅଜାଣତରେ ଆକାଉଣ୍ଟରୁ ଟଙ୍କା ଉଠିଯିବା ନେଇ ସମବାୟ ସମିତିର ସମ୍ପାଦକଙ୍କ ନାମରେ ରାଜକନିକା ଥାନାରେ ଅଭିଯୋଗ ପରେ ଅଭିଯୋଗ ହୋଇଥିଲା। ପୋଲିସ କିମ୍ବା ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ହେଉ ନ ଥିବାରୁ ସୋମବାର ଚାଷୀ ସୂର୍ଯ୍ୟମଣୀ ସାହୁ, ଅରବିନ୍ଦ ମଥାନ, ଅଲେଖ ଚନ୍ଦ୍ର ସାହୁ, ପ୍ରିୟରଞ୍ଜନ ପରିଡାଙ୍କ ସମେତ ଚାଷୀ ସମୂହ ଓ ପେଗରପଡ଼ା ସମିତି ସଭ୍ୟ ପ୍ରବେଶନ ମଲ୍ଲିକ ପ୍ରମୁଖ କେନ୍ଦ୍ରାପଡ଼ା ଜିଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ଏବଂ ଉପନିବନ୍ଧକ ସମବାୟ ସମିତି ସମୂହ, କେନ୍ଦ୍ରାପଡ଼ା ମଣ୍ଡଳ ସନ୍ତୋଷ କୁମାର ଦାସଙ୍କୁ ଭେଟି ଆସନ୍ତା ୧୦ରେ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଆମରଣ ଅନଶନ କରିବେ ବୋଲି ଦରଖାସ୍ତ ପ୍ରଦାନ କରିଛନ୍ତି।

ବରୁଣା ପ୍ରାଥମିକ କୃଷି ସମବାୟ ସମିତି ଲିଃର ପାତୁଳି ଗାଁର ଚାଷୀ ଧରଣୀଧର ନାୟକଙ୍କ ନାମରେ ୧ ଲକ୍ଷ ୫୯ ହଜାର ଟଙ୍କା କୃଷି ଋଣ ମଞ୍ଜୁର ହୋଇଥିଲା। ହେଲେ ତାଙ୍କ ଅଜାଣତରେ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃର ରାଜକନିକା ଶାଖାର ଥିବା ଆକାଉଣ୍ଟରୁ ୧ ଲକ୍ଷ ୫୮ ହଜାର ଟଙ୍କା ଉଠିଯାଇଥିବା ନେଇ କୃଷି ସମବାୟ ସମିତିର ସମ୍ପାଦକ ଅସିତ କୁମାର ବେହୁରା ଓ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃର ରାଜକନିକା ଶାଖା ପରିଚାଳକ ସଞ୍ଜୟ କୁମାର ମହାପାତ୍ରଙ୍କ ନାଁରେ ଗତ ୩ ତାରିଖରେ ଥାନାରେ ଅଭିଯୋଗ ପରେ ଲଗାତର ଭାବେ ୧୨ ଜଣ ଚାଷୀ ରାଜକନିକା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ପକ୍ଷରୁ ଚାଷୀଙ୍କ ଏତଲା ଆଧାରରେ ଥାନାରେ ନଂ. ୩୪୨/୨୪ରେ ମାମଲା ରୁଜୁ କରି ଚୁପ୍ ବସିଥିବା ବେଳେ, ଅଗଷ୍ଟ ୨୦ରେ ବିଭାଗ ପକ୍ଷରୁ ଉପନିବନ୍ଧକ ସମବାୟ ସମିତି ସମୂହ, କେନ୍ଦ୍ରାପଡ଼ା ମଣ୍ଡଳର ସନ୍ତୋଷ କୁମାର ଦାସ ଓ ସହକାରୀ ଉପନିବନ୍ଧକ ଯୋଗେନ୍ଦ୍ରନାଥ ବିଶ୍ୱାଳ କ୍ଷେତ୍ର ପରିଦର୍ଶନ କରି ଫେରି ଯାଇଥିଲେ। ପରେ ଅଗଷ୍ଟ ୨୮ରେ ଏହି ବିବାଦରେ ଛନ୍ଦି ହୋଇପଡ଼ିଥିବା କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃର ରାଜକନିକା ଶାଖା ପରିଚାଳକ ସଞ୍ଜୟ କୁମାର ମହାପାତ୍ରଙ୍କ ଅନ୍ୟତ୍ର ବଦଳି ହୋଇଥିଲା। ତେବେ ଅଗଷ୍ଟ ୨୯ରେ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ମୁଖ୍ୟାଳୟର ନିର୍ଦ୍ଦେଶକ୍ରମେ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ପକ୍ଷରୁ ମାର୍ଶାଘାଇ ଶାଖା ପରିଚାଳକ ଦୁର୍ଗାମାଧବ ନନ୍ଦ ଓ ମହାକାଳପଡ଼ା ଶାଖା ପରିଚାଳକ ଅକ୍ଷୟ କୁମାର ଦାସ ତଦନ୍ତ କରି ଫେରିଥିଲେ।

# ନୂଆହାଟ ଛକଠାରୁ ସ’ମିଲ୍ କ୍ଲଷ୍ଟର ରାସ୍ତା ପାଲଟିଛି ମରଣଯନ୍ତା

ଡେରାବିଶ,୨।୯ (ବେବର୍ତ୍ତା ଅଜୟ ଦାସ)

**ପକ୍କାରାସ୍ତା ଦାବିରେ ଗ୍ରାମବାସୀ, ଚାଷୀମାନଙ୍କ ଧାରଣା**



ରାସ୍ତା ନିର୍ମାଣ ଦାବିରେ ନୂଆହାଟ ଓ ବଳରାମପୁର ଗାଁର ଲୋକେ ରାସ୍ତା ଅବରୋଧ କରିଛନ୍ତି।

ଡେରାବିଶ ବ୍ଲକ୍ ଅନ୍ତର୍ଗତ ବଳଭଦ୍ରପୁରସ୍ଥିତ ସ’ମିଲ୍ କ୍ଲଷ୍ଟରକୁ ପଡ଼ିଥିବା ରାସ୍ତାଟି ଏବେ ମରଣଯନ୍ତା ପାଲଟିଛି। ଏହି ରାସ୍ତାଟି ସ୍ଥାନୀୟ ନୂଆହାଟ ଓ ବଳଭଦ୍ରପୁର ଗ୍ରାମର ଚାଷଜମି ଓ ଅଞ୍ଚଳର ଆରାଧ୍ୟ ଦେବୀ ମା’ ସୁମୁଦେଇଙ୍କ ପୀଠକୁ ଏକମାତ୍ର ରାସ୍ତା ହୋଇଥିବାରୁ ଅଞ୍ଚଳର ଚାଷୀ ଓ ଗ୍ରାମବାସୀ ଏହି ରାସ୍ତାକୁ ନିର୍ମାଣ କରିବାକୁ ଡେରାବିଶ ବ୍ଲକ୍ କାର୍ଯ୍ୟାଳୟଠାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଯାଏ ଦୌଡ଼ି ଦୌଡ଼ି ନିରାଶ ହେଲେଣି। ଏହାର ପ୍ରତିବାଦରେ ସୋମବାରଠାରୁ ଉଭୟ ନୂଆହାଟ ଓ ବଳଭଦ୍ରପୁର ଗ୍ରାମବାସୀଙ୍କ ସମେତ ଶତାଧିକ ଚାଷୀ ଏହି ରାସ୍ତାକୁ ଅବରୋଧ କରିବା ସହ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଧାରଣାରେ ବସିଛନ୍ତି। ଏହି ରାସ୍ତା ଦେଇ ସ’ମିଲ୍ କ୍ଲଷ୍ଟରକୁ ଆସୁଥିବା ବହୁ ସଂଖ୍ୟାରେ କାଠ ବୋଝେଇ ୪ ଚକିଆ ଗାଡ଼ିଗୁଡ଼ିକ ଅଟକି ରହିଛି। ଖବର ଲେଖାହେବା ପର୍ଯ୍ୟନ୍ତ ଧାରଣାସ୍ଥଳକୁ କୌଣସି ପ୍ରଶାସନିକ ଅଧିକାରୀ ଓ ସ’ ମିଲ୍ ମାଲିକମାନେ ଆସି ନ ଥିବାରୁ ଧାରଣା ଜାରି ରହିବ ବୋଲି ଧାରଣାକାରୀ ନଟବର ବେହେରା ଓ ଅରକ୍ଷିତ ବେହେରା ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ୧୨ ବର୍ଷ ପୂର୍ବେ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ଅନ୍ତର୍ଗତ ବଳଭଦ୍ରପୁର ମୌଜାରେ ଏକ ସ’ ମିଲ୍ କ୍ଲଷ୍ଟର ସ୍ଥାପନ କରାଯାଇଥିଲା। ଆରମ୍ଭରେ ଏଠାରେ ସରକାରଙ୍କ ପକ୍ଷରୁ ମାତ୍ର ୮ ଗୋଟି ସ’ ମିଲ୍‌କୁ ସ୍ୱୀକୃତି ମିଳିଥିଲା। ଏହି ସ’ ମିଲ୍‌କୁ ଯାତାୟାତ ପାଇଁ ଚଣ୍ଡିଖୋଲ-ପାରାଦୀପ ୫୩ ନମ୍ବର ଜାତୀୟ ରାଜପଥଠାରୁ ମା’ ସୁମୁଦେଇ ଠାକୁରାଣୀଙ୍କ ପର୍ଯ୍ୟନ୍ତ ଯାଇଥିବା ରାସ୍ତାକୁ ୨୦୧୦-୧୧ରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ନିର୍ମାଣ କରାଯାଇଥିଲା। ସେତେବେଳେ ଚାଷୀମାନେ ଏହି ରାସ୍ତା ଦେଇ ସେମାନଙ୍କ ଚାଷଜମିକୁ ଯିବା ଆସିବା ଓ ସ୍ଥାନୀୟ ଅଞ୍ଚଳର ଆରାଧ୍ୟ ମା’ ସୁମୁଦେଇଙ୍କ ପୀଠକୁ ଯିବା ପାଇଁ ବ୍ୟବହାର କରୁଥିଲେ। ତେବେ ସେତେବେଳେ ପ୍ରଶାସନ ଓ ସ’ ମିଲ୍ ମାଲିକମାନଙ୍କ ପକ୍ଷରୁ ସ’ ମିଲ୍‌କୁ ଯିବା ଉଦ୍ଦେଶ୍ୟରେ ଏହି ରାସ୍ତାକୁ ପକ୍କା କରିବାକୁ ସ୍ଥାନୀୟ ଅଞ୍ଚଳବାସୀଙ୍କୁ ପ୍ରତିଶ୍ରୁତି ଦିଆଯାଇଥିଲା। ହେଲେ ଇତିମଧ୍ୟରେ ପ୍ରଶାସନ ପକ୍ଷରୁ ଧୀରେ ଧୀରେ ସ’ ମିଲ୍ ସଂଖ୍ୟା ବଢ଼ାଯାଇ ଏବେ ସେହି କ୍ଲଷ୍ଟରରେ ୨୨ଟି ସ’ ମିଲ୍ ସ୍ଥାପନ କରାଯାଇ ସାରଲାଣି। କିନ୍ତୁ ସ’ ମିଲ୍ ମାଲିକ ଓ ପ୍ରଶାସନ ସେମାନଙ୍କ ପ୍ରତିଶ୍ରୁତି ରକ୍ଷା କରିବାରେ ବିଫଳ ରହିଥିବାରୁ ଦିନକୁ ଦିନ ଏହି ରାସ୍ତାର ଦୁରବସ୍ଥା ଲାଗି ରହିଛି। ଦୈନିକ ଶହ ଶହ ସଂଖ୍ୟା ଭାରିଯାନ କାଠ ବୋଝେଇକରି ରାତିଦିନ ଚାଲିବା ଫଳରେ ଏହି ରାସ୍ତାଟି ମରଣଯନ୍ତା ପାଲଟିଯାଇଛି। ରାସ୍ତା ସାରା ବଡ଼ ବଡ଼ ଖାଲଖମାରେ ଭର୍ତ୍ତି ହୋଇଯାଇଛି। ଏଥିପାଇଁ ସ୍ଥାନୀୟ ଅଞ୍ଚଳର ଚାଷୀମାନେ ସେମାନଙ୍କର କ୍ଷେତକୁ ଟ୍ରାକ୍ଟର ଓ ପାୱାର ଟିଲର ମଧ୍ୟ ନେଇ ଯାଇପାରୁନାହାନ୍ତି। ଏପରିକି ଅନେକ ସମୟରେ ଚାଷୀଙ୍କ ଟ୍ରାକ୍ଟର ଓ ପାୱାର ଟିଲର ଏହି ଖାଲଖମା ରାସ୍ତାରେ ଦୁର୍ଘଟଣାଗ୍ରସ୍ତ ହେଉଛି। ତେଣୁ ନିରାଶ ଗ୍ରାମବାସୀ ରାସ୍ତା ନିର୍ମାଣ ନ ହେବା ପର୍ଯ୍ୟନ୍ତ ଧାରଣା ବଳବତ୍ତର ରଖିବାକୁ ନିଷ୍ପତ୍ତି ନେଇଛନ୍ତି। ଏ ସମ୍ପର୍କରେ ପ୍ରଶାସନକୁ ଲିଖିତ ଆକାରରେ ଜଣାଇଥିଲେ। ତେବେ ସୋମବାରଠାରୁ ଆରମ୍ଭ ହୋଇଥିବା ଧାରଣାରେ ଅନ୍ୟମାନଙ୍କ ମଧ୍ୟରେ ଅଶୋକ ରାଉତ, ପ୍ରତାପ ବେହେରା, ପ୍ରମୋଦ ବେହେରା, ସନ୍ତୋଷ ସ୍ୱାଇଁ, ସନ୍ତୋଷ ସିଂହ, ସନ୍ତୋଷ ସାହୁ, ସୁମନ୍ତ କୁମାର ସାହୁ, କ୍ଷୀରସାଗର ନାୟକ, ଗୁଲସନ ବିବି, ସୁଧାକର ବେହେରା ଓ ମୋହନ ଚରଣ ବେହେରା ପ୍ରମୁଖ ସାମିଲ ହୋଇଛନ୍ତି।

# ସରକାରୀ ଜମିକୁ ଜବରଦଖଲ ନେଇ ଉତ୍ତେଜନା

ନୟାଗଡ଼,୨।୯(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ଓଡଗାଁ ତହସିଲ ଗୋଡିପଡ଼ା ଆରଆଇ ଅଫିସ ଅନ୍ତର୍ଗତ ପାଟୁଳିସାହି ଗାଁରେ ବସନ୍ତ ସାହୁ ନିଜର ୩ ଡେସିମିଲ ଜମିରେ ଘର କରିବା ସହ ଅଢ଼େଇ ଡେସିମିଲ ସରକାରୀ ଜମିକୁ ଅକ୍ତିଆର କରି ଗୃହ ନିର୍ମାଣ କରୁଛନ୍ତି। ଗ୍ରାମବାସୀଙ୍କ ପ୍ରତିବାଦ ଓ ବିରୋଧକୁ ଅଣଦେଖା କରି ବସନ୍ତ ସରକାରୀ ଜମିରେ ଗୃହ ନିର୍ମାଣ ଜାରି ରଖିଛନ୍ତି। ଏଭଳିସ୍ଥଳେ ପାଟୁଳିସାହି ବାସିନ୍ଦା ସୋମବାର ଜିଲାପାଳଙ୍କୁ ଭେଟି ଏହାର ସମାଧାନ ପାଇଁ ଉଦ୍ୟମ କରିଛନ୍ତି। ତେବେ ଗାଁ ଲୋକ ବିରୋଧ କରିବା ପରେ ଗାଁରେ ଚାପା ଉତେଜନା ଦେଖା ଦେଇଛି। ଅଭିଯୋଗ ଅନୁସାରେ, ବସନ୍ତଙ୍କର ଘର ଚାରି ପାଖରେ ସରକାରୀ ଜମି ରହିଛି। ବସନ୍ତ ଅଢ଼େଇ ଡେସିମିଲି ଜମିକୁ ଅକ୍ତିଆର କରି ଘର ନିର୍ମାଣ କରୁଛନ୍ତି। ଗାଁ ଲୋକଙ୍କ ବିରୋଧ ଓ ଗାଁ ସଭାର ନିଷ୍ପତ୍ତିକ୍ରମେ ଘର ଭାଙ୍ଗିବାକୁ ରାଜି ହୋଇ ୨ମାସ ସମୟ ନେଇଥିଲେ। ହେଲେ ଘର ନ ଭାଙ୍ଗି ଗାଁରେ ଉତ୍ତେଜନା ସୃଷ୍ଟି କରିବା ସହ ବିବାଦୀୟ ପରିସ୍ଥିତି ସୃଷ୍ଟି କରୁଛନ୍ତି ବୋଲି ଅଭିଯୋଗ ରହିଛି।


ପାଟୁଳିସାହି ବାସିନ୍ଦାଙ୍କ ଜିଲାପାଳଙ୍କୁ ଫେରାଦ

# ଯବାନଙ୍କ ନର୍ଦ୍ଦମା ସଫା କାର୍ଯ୍ୟକୁ ପ୍ରଶଂସା

ଖଣ୍ଡପଡ଼ା,୨।୯
(ଅଜୟ କୁମାର ମହାରଣା)



ଖଣ୍ଡପଡ଼ା ବ୍ଲକ୍ କଣ୍ଟିଲୋ ପଞ୍ଚାୟତ ଅଧୀନ ୮ନଂ. ୱାର୍ଡ କୃଷ୍ଣେଶ୍ୱରପାଟଣା ଗାଁର ଏକ ରାସ୍ତା ପାର୍ଶ୍ୱ ଡ୍ରେନ୍ ଦୀର୍ଘବର୍ଷ ହେବ ସଫା ନ ହୋଇ ଅଳିଆ ଆବର୍ଜନା ଭର୍ତ୍ତି ହୋଇରହିଛି। ବର୍ଷର ପ୍ରାୟ ସବୁ ସମୟରେ ବିଶେଷକରି ସମ୍ପ୍ରତି ବର୍ଷାଦିନେ ଏହାର ଉଦ୍‌ବୃତ୍ତ ପାଣି ରାସ୍ତା ଉପରେ ପ୍ରବାହିତ ହେଉଛି। ଏଥିଯୋଗୁ ଯାତାୟାତରେ ସମସ୍ୟା ସୃଷ୍ଟିହେବା ସହ ପୂତି ଗନ୍ଧମୟ ପରିବେଶ ସୃଷ୍ଟି କରୁଛି। ଅପରପକ୍ଷରେ ଏହି ପରିବେଶରେ ମଶାବଂଶ ବୃଦ୍ଧି ଘଟି ବିଭିନ୍ନ ରୋଗ ସଂକ୍ରମଣ କରିବା ଆଶଙ୍କା ରହିଛି। ବାରମ୍ବାର ଏ ସମ୍ପର୍କରେ ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଉଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିବା ସମ୍ପୃକ୍ତ ୱାର୍ଡବାସୀ ଅଭିଯୋଗ କରିଛନ୍ତି। ହେଲେ ୱାର୍ଡର ଯବାନ ଅହିଂସା କୁମାର ସାହୁ ନିଜ ଗ୍ରାମକୁ ଛୁଟିରେ ଆସି ନର୍ଦ୍ଦମାର ଏଭଳି ସ୍ଥିତି ଦେଖି ଗ୍ରାମର କେତେଜଣ ଯୁବକଙ୍କ ସହାୟତାରେ ଅଳିଆ ଆବର୍ଜନାରେ ପୋତିହୋଇଥିବା ଡ୍ରେନ୍‌କୁ ସ୍ୱତଃ ପ୍ରବୃତ୍ତ ଭାବେ ସଫା କରୁଛନ୍ତି। ଏହି ଖବର ସ୍ଥାନୀୟ ସରପଞ୍ଚଙ୍କ ନଜରକୁ ଆସିଥିଲା। ସେମାନଙ୍କ ଏତାଦୃଶ୍ୟ କାର୍ଯ୍ୟକୁ ସରପଞ୍ଚ ଶ୍ରୀୟାରାଣୀ ବେହେରା ପ୍ରଶଂସା କରିବା ସହ ସମ୍ପୃକ୍ତ ଯବାନଙ୍କୁ ଧନ୍ୟବାଦ ଜଣାଇଛନ୍ତି। ୱାର୍ଡବାସୀଙ୍କ ଅଭିଯୋଗ ଅନୁସାରେ ଅବଶିଷ୍ଟ ପୋତି ହୋଇଥିବା ଡ୍ରେନ୍‌କୁ ସଫା କରିବା ସହ ଖୋଲା ଡ୍ରେନ୍ ଉପରେ ଢାଙ୍କୁଣି ପକାଇବା ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ଓଡ଼ଗାଁ କଲେଜ : ଲୋକ ସମ୍ପର୍କ ଅଧିକାରୀ ସୂଚନା ପ୍ରଦାନରେ ବିଫଳ

ଓଡ଼ଗାଁ,୨।୯ (ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଓଡ଼ଗାଁରେ ଅବସ୍ଥାପିତ ରଘୁନାଥ ସମବାୟ ମହାବିଦ୍ୟାଳୟରେ ବିଗତ ଦିନରେ ପରିଚାଳନା କମିଟି ଦ୍ୱାରା ନିଯୁକ୍ତି ପାଇଥିବା କେତେଜଣ କର୍ମଚାରୀଙ୍କ ନିଯୁକ୍ତିରେ ସ୍ୱଚ୍ଛତାକୁ ନେଇ ବିଗତ ଦିନରେ ଆଲୋଚନା ହୋଇଥିଲା । ଏନେଇ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇବା କାରଣରୁ ସ୍ଥାନୀୟ ଅଞ୍ଚଳର ନୃସିଂହ ଚରଣ ମହାପାତ୍ର ନାମକ ଯୁବକ କଲେଜ ପରିଚାଳନା କମିଟି ଦ୍ୱାରା ୨୦୧୦ରୁ ଅଦ୍ୟାବଧି ନିଯୁକ୍ତି ପାଇଥିବା କର୍ମଚାରୀଙ୍କ ସବିଶେଷ ବିବରଣୀ ସହିତ ନିଯୁକ୍ତି ନିୟମ, ନିଯୁକ୍ତ ପତ୍ରର ନକଲ, ପରିଚାଳନା କମିଟି ସଭା ବହିର ନିଷ୍ପତ୍ତି ପତ୍ର ଆଦିର ସୂଚନା ପ୍ରଦାନ ନିମନ୍ତେ ଜୁଲାଇ ୩୧ରେ କଲେଜ ଲୋକ ସମ୍ପର୍କ ଅଧିକାରୀଙ୍କୁ ଆବେଦନ କରିଥିଲେ । ହେଲେ ଆବେଦନର ଏକ ମାସ ଅବଧି ପୁରି ଯାଇଥିଲେ ସୁଦ୍ଧା କଲେଜ ଲୋକ ସମ୍ପର୍କ ଅଧିକାରୀ ତଥ୍ୟ ପ୍ରଦାନରେ ବିଫଳ ହୋଇଛନ୍ତି । ଫଳ ସ୍ୱରୁପ ସଂପୃକ୍ତ ଆବେଦନକାରୀ ସୋମବାର ଅର୍ଥାତ ୨ ସେପ୍ଟମ୍ବରରେ କଲେଜ ଲୋକ ସମ୍ପର୍କ ଅଧିକାରୀଙ୍କଠାରୁ ସୂଚନା ଅଧିକାର ଆଇନ ଅନୁସାରେ ମାଗିଥିବା ସୂଚନା ପ୍ରଦାନ କରିବାକୁ କଲେଜ ଅଧକ୍ଷ ରାଜ କିଶୋର ସାହୁ ତଥା ପ୍ରଥମ ଅପିଲ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଥିବା ଜଣାଯାଇଛି । ଅନ୍ୟପକ୍ଷେ ଏନେଇ କଲେଜ ଅଧକ୍ଷ ସାହୁଙ୍କୁ ପଚାରିବାରେ ସଂପୃକ୍ତ ଆବେଦନକାରୀ ମାଗିଥିବା ସୂଚନା ସମ୍ବନ୍ଧିତ ନଥିପତ୍ର ପ୍ରସ୍ତୁତ କରିବାକୁ ସମୟ ସାପେକ୍ଷ ହୋଇଥିବାରୁ ଠିକଣା ସମୟରେ ସୂଚନା ପ୍ରଦାନ କରିବାକୁ ସେ ପ୍ରସ୍ତୁତ ହେଉଥିବା କହିଛନ୍ତି ।

# 'ଖଣ୍ଡପଡ଼ାର ବିକାଶ, ଉନ୍ନତି, ପ୍ରତିଶ୍ରୁତି ନୁହେଁ ପ୍ରତିବଦ୍ଧତା'

- ବାଘମାରୀଠାରୁ ନୀଳମାଧବ କ୍ଷେତ୍ରକୁ ୪ ଲେନ୍ ରାସ୍ତା ନିର୍ମାଣ ଦାବି
- ଭାପୁରରେ ନୂତନ ମିନିଷ୍ଟାଡିୟମ ନିର୍ମାଣ ଦାବି

ଖଣ୍ଡପଡ଼ା,୨।୯(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀରୁ ଭାଜପା ବିଧାୟକ ଭାବେ ଦୁଷ୍ମନ୍ତ କୁମାର ସ୍ୱାଇଁ ନିର୍ବାଚିତ ହେବା ପରେ ବିଭିନ୍ନ ବିକାଶମୂଳକ କାର୍ଯ୍ୟ କିପରି ଭାବେ ତ୍ୱରାନ୍ୱିତ କରାଯିବ ସେଥିପାଇଁ ପ୍ରୟାସ ଜାରି ରଖିଛନ୍ତି। ବିକଶିତ ଖଣ୍ଡପଡ଼ା ଗଠନ ପ୍ରକ୍ରିୟା ଜାରି ରହିଥିବାବେଳେ ନିର୍ବାଚନମଣ୍ଡଳୀକୁ ରାଜ୍ୟର ୧ ନମ୍ବର ଭାବେ ପରିଗଣିତ କରିବା ଲକ୍ଷ୍ୟ ବୋଲି ବିଧାୟକ ମତ ପ୍ରକାଶ କରିଛନ୍ତି। ଆଗାମୀ ଦିନରେ ଦୀର୍ଘସୂତ୍ରୀ କାର୍ଯ୍ୟକ୍ରମ ମାଧ୍ୟମରେ ଖଣ୍ଡପଡ଼ାର ବିକାଶ ତଥା ଉନ୍ନତି ଏକ ପ୍ରତିଶ୍ରୁତି ନୁହେଁ ପ୍ରତିବଦ୍ଧତା ବୋଲି ଦୃଢ଼ତାର ସହ ପ୍ରକାଶ କରିଛନ୍ତି। ଏଇ ମାଟିର ଆରାଧ୍ୟ ଦେବତା ପ୍ରଭୁ ଶ୍ରୀନୀଳମାଧବ ଓ ପ୍ରଜ୍ଞା ପୁରୁଷ ପଠାଣି ସାମନ୍ତଙ୍କ ପାଇଁ ଆମେ ସବୁଠି ପରିଚିତ। ଆମକୁ ପରିଚିତ କରାଉଥିବାରୁ ଏସବୁର ଉଚିତ ଯତ୍ନନେବା ନିହାତି ଜରୁରୀ ହୋଇପଡ଼ିଛି। ସେ ପ୍ରତିଦିନ ବିଭିନ୍ନ ଅଞ୍ଚଳକୁ ଗସ୍ତରେ ଯାଇ ଅଞ୍ଚଳବାସୀଙ୍କ ସମସ୍ୟା ସହିତ ବିଭିନ୍ନ ନୂତନ ଉନ୍ନତିମୂଳକ କାର୍ଯ୍ୟ କିପରି ହୋଇପାରିବ ସେ ନେଇ ବ୍ୟସ୍ତ ରହୁଥିବା ଜଣାଯାଇଛି। ବିଶେଷକରି ଜଗନ୍ନାଥ ସଂସ୍କୃତିର ଆଦିପୀଠ କଣ୍ଟିଲୋ ଶ୍ରୀନୀଳମାଧବ ଜୀଉଙ୍କ କ୍ଷେତ୍ର ସହ ବିଶ୍ୱ ପ୍ରସିଦ୍ଧ ସିଦ୍ଧାନ୍ତ ଦର୍ପଣର ରଚୟିତା ତଥା ମହାମହୋପାଧ୍ୟାୟ ଜ୍ୟୋତିର୍ବିଦ୍ ପଠାଣି ସାମନ୍ତଙ୍କ ଜନ୍ମମାଟିର ବିକାଶ ନିମନ୍ତେ ବିଧାୟକ ସ୍ୱାଇଁ ଏବେ ରାଜ୍ୟ ସରକାରଙ୍କ ନିକଟରେ ବିଭିନ୍ନ ଦାବି ଉପସ୍ଥାପିତ କରିଛନ୍ତି। ଏ ପରିପ୍ରେକ୍ଷୀରେ ବିଧାୟକ ସ୍ୱାଇଁ ରାଜ୍ୟ ପୂର୍ତ୍ତ ଓ ଆଇନ ବିଭାଗ ମନ୍ତ୍ରୀ ପୃଥୀରାଜ ହରିଚନ୍ଦନ ଏବଂ ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରି ଖଣ୍ଡପଡ଼ା ଅଞ୍ଚଳର ବିକାଶ ଦିଗରେ ଦୀର୍ଘ ସମୟ ଧରି ଆଲୋଚନା କରିଛନ୍ତି।

ରାଜ୍ୟର ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଭାବେ ପରିଚିତ କଣ୍ଟିଲୋର ଶ୍ରୀନୀଳମାଧବ ଜୀଉଙ୍କ ଦର୍ଶନ ନିମନ୍ତେ ରାଜ୍ୟ ତଥା ବାହାରୁ ପ୍ରତ୍ୟହ ବିଭିନ୍ନ ଯାନବାହନରେ ଶହ ଶହ ପର୍ଯ୍ୟଟକ ଆସୁଥିବାରୁ ଏହି ସଂକୀର୍ଣ୍ଣ ରାସ୍ତା ବିଭିନ୍ନ ସମୟରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି କରୁଛି। ଏଣୁ ଏହି ରାଜପଥକୁ ୪ ଲେନ୍ ବିଶିଷ୍ଟ କରାଯିବାକୁ ଲିଖିତ ଭାବେ ସେ ଅବଗତ କରାଇଥିଲେ। ଏହାଛଡ଼ା ବିଗତ ସରକାରଙ୍କ ସମୟରେ ନିର୍ମାଣ କରାଯାଇଥିବା ଖଣ୍ଡପଡ଼ା ସହରାଞ୍ଚଳ ସ୍ଥିତ ମଧୁବନ ମିନିଷ୍ଟାଡିୟମର ଉନ୍ନତୀକରଣ, କଣ୍ଟିଲୋ ପଲଟନ ପଡ଼ିଆକୁ ମିନିଷ୍ଟାଡିୟମ ଭାବେ ଘୋଷଣା କରାଯାଇ ଯେଉଁ ସ୍ୱଳ୍ପ ଅନୁଦାନ ଅର୍ଥରେ କାର୍ଯ୍ୟ ସମ୍ପନ୍ନ ହୋଇଛି ତାହା ଅଧାପନ୍ତରିଆ ଅବସ୍ଥାରେ ରହିଛି। ଏହି ମିନିଷ୍ଟାଡିୟମକୁ ସମ୍ପୂର୍ଣ୍ଣ କରିବା ସହ ଭାପୁର ବ୍ଲକ୍ ଅଞ୍ଚଳର କ୍ରୀଡ଼ାବିତ୍‌ମାନଙ୍କ ଆବଶ୍ୟକତା ପୂରଣ ପାଇଁ ଏକ ମିନିଷ୍ଟାଡିୟମ ନିର୍ମାଣ ଲାଗି ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଉଭୟ ମନ୍ତ୍ରୀ ଏ ଦିଗରେ ସ୍ୱତନ୍ତ୍ର ଦୃଷ୍ଟି ଦେବେ ବୋଲି ପ୍ରତିଶ୍ରୁତି ଦେଇଥିବା ବିଧାୟକ ସୂଚନା ଦେଇଛନ୍ତି। ବିଧାୟକ ସ୍ୱାଇଁଙ୍କ ଏଭଳି ପଦକ୍ଷେପକୁ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି।


କ୍ରୀଡ଼ା ଓ ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କୁ ଭେଟି ବିଧାୟକ ଦାବି ଉପସ୍ଥାପନ କରୁଛନ୍ତି।

# ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ

ଖଣ୍ଡପଡ଼ା,୨।୯ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ସହରାଞ୍ଚଳସ୍ଥିତ ଅଗ୍ରଣୀ ଅନୁଷ୍ଠାନ ଟେନ୍‌ଷ୍ଟାର କ୍ଲବ୍ ପକ୍ଷରୁ ରବିବାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଏକ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଖଣ୍ଡପଡ଼ା ମହିଳା କନିଷ୍ଠ ମହାବିଦ୍ୟାଳୟ, ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ, ଆଦର୍ଶ ବିଦ୍ୟାଳୟ, ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ ଓ ଆପ୍ରୋଚ ଶିକ୍ଷାନୁଷ୍ଠାନ ସମେତ ଆଖପାଖ ବିଭିନ୍ନ ଶିକ୍ଷାନୁଷ୍ଠାନର ଶତାଧିକ ଛାତ୍ରୀଛାତ୍ର ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଉପସ୍ଥିତ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବକ୍ତୃତା, ପ୍ରବନ୍ଧ, ବିତର୍କ ଓ ଚିତ୍ରାଙ୍କନ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସୂଚନାଯୋଗ୍ୟ, ଖଣ୍ଡପଡ଼ା ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ୨୦୧୦ମାଟ୍ରିକ୍ ବ୍ୟାଚ୍‌ର ସହପାଠୀମାନଙ୍କ ମିଳିତ ସହଯୋଗରେ ଟେନ୍‌ଷ୍ଟାର କ୍ଲବ୍ ପକ୍ଷରୁ ୪ବର୍ଷ ଧରି କ୍ରମାଗତ ଭାବେ ସହରାଞ୍ଚଳର ସାମନ୍ତ ଛକରେ ପାଳିତ ହେଉଥିବା ଗଣେଶପୂଜା ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥାଏ। ସେହିପରି ଚଳିତବର୍ଷ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରମାନଙ୍କୁ ଆସନ୍ତା ୮ ତାରିଖରେ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯିବା କାର୍ଯ୍ୟକ୍ରମ ରହିଥିବା ଆୟୋଜକମାନଙ୍କଠାରୁ ପ୍ରକାଶ। ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ସମ୍ପାଦକ ପଦ୍ମଲୋଚନ ମହାନ୍ତି, କୋଷାଧ୍ୟକ୍ଷ ଅଭିଜିତ ବେହେରା, ଭବାନୀ ଶଙ୍କର ମହାନ୍ତି ପ୍ରମୁଖ ସଦସ୍ୟମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ପ୍ରକୃତି ସ୍ଥିରତାରେ ବିଜ୍ଞାନର ଭୂମିକା ଆଲୋଚନାଚକ୍ର


ଆଲୋଚନାଚକ୍ରରେ ଯୋଗ ଦେଇଥିବା ଅତିଥି ଓ ଅନ୍ୟମାନେ।

ନୟାଗଡ଼,୨।୯ (ଲୋକନାଥ ମିଶ୍ର)

ନୟାଗଡ଼ ମଡେଲ ଡିଗ୍ରୀ କଲେଜ ବିଜ୍ଞାନ ସମିତି ଆନୁକୂଲ୍ୟରେ ସୋମବାର ପ୍ରକୃତି ସ୍ଥିରତାରେ ବିଜ୍ଞାନର ଭୂମିକା ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଯୁକ୍ତ ୩ ତୃତୀୟ ବାର୍ଷିକ ଛାତ୍ରଛାତ୍ରୀଙ୍କୁ ନେଇ ଉକ୍ତ ଆଲୋଚନାଚକ୍ରରେ ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ, ବାରିପଦାର ରସାୟନ ବିଜ୍ଞାନ ପ୍ରଫେସର ଓ ବିଭାଗୀୟ ମୁଖ୍ୟ ପ୍ରମୋଦ କୁମାର ଶତପଥୀ ଯୋଗଦେଇ ବିଶେଷ ଭାବେ କିପରି ଆଜିର ଅସ୍ଥିର ପ୍ରକୃତିକୁ ବିଜ୍ଞାନ ସହାୟତାରେ ସ୍ଥିରତା ଅଣାଯାଇ ପାରିବ ସେ ସଂକ୍ରାନ୍ତରେ ଆଲୋକପାତ କରିଥିଲେ। ରସାୟନ ବିଜ୍ଞାନର ପାର୍ଶ୍ୱ ପ୍ରତିକ୍ରିୟାଗୁଡିକର ନିୟନ୍ତ୍ରଣ କରାଯାଇପାରିଲେ ଋତୁ ଅନିୟମିତତାର ଦୀର୍ଘ ସୂତ୍ରୀ ସମାଧାନ ଅଣାଯାଇ ପାରିବ ବୋଲି ବକ୍ତବ୍ୟ ରଖିଥିଲେ। ଅଧ୍ୟକ୍ଷ ଡ. ମାନସ ରଞ୍ଜନ ଶତପଥୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିବାବେଳେ ଅତିଥି ପରିଚୟ ସନ୍ତୋଷ କୁମାର ବେହେରା ଦେଇଥିଲେ। ବିଜ୍ଞାନ ସମିତି ମୁଖ୍ୟା ବିଜୟିନୀ ଶୁଭଦର୍ଶନୀ ସ୍ୱାଗତ ଭାଷଣ ଦେଇଥିବାବେଳେ ରୀତିଶ୍ରୀ ମଲିକ ଧନ୍ୟବାଦ ଦେଇଥିଲେ। ଏଥିରେ ଗୌରମୋହନ ସାହୁ, ଜ୍ୟୋସ୍ନାରାଣୀ କର, ଜୟରାମ ସିଂ ସାମଲ, ଅପରାଜିତା ମିଶ୍ର, ପ୍ରକାଶ ସାହୁ, ପ୍ରଜ୍ଞାନ ରଞ୍ଜନ ସାହୁ ପ୍ରମୁଖ ଶତାଧିକ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ୧୮୧ରୁ ୮୫ ଅଭିଯୋଗର ତ୍ୱରିତ ସମାଧାନ

## ଜିଲାପାଳଙ୍କ ଅଭିଯୋଗ ଶୁଣାଣି

ନୟାଗଡ଼,୨।୯(ଲୋକନାଥ ମିଶ୍ର)

ନୟାଗଡ଼ ସଦ୍ ଭାବନା ସଭାଗୃହରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶୁଣାଣିରେ ଅତିରିକ୍ତ ଜିଲାପାଳ ରୋଜିନା ଦାଶ, ଉପଜିଲାପାଳ କର୍ଣ୍ଣଦେବ ସମାଦାର ପ୍ରମୁଖ ଯୋଗଦେଇ ଅଭିଯୋଗ ଶୁଣିଥିଲେ। ୧୮୧ ଅଭିଯୋଗ ପଞ୍ଜୀକୃତ ହୋଇଥିବାବେଳେ ୧୫୯ଟି ବ୍ୟକ୍ତିଗତ ଓ ୧୬ଟି ଗ୍ରାମ୍ୟ ସମସ୍ୟା ରହିଛି। ଅନ୍ୟପକ୍ଷେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୬ଟି ଆବେଦନ ଉପରେ ସହାୟତା ପ୍ରଦାନ କରାଯାଇଛି। ତେବେ ୮୫ ଅଭିଯୋଗର ତ୍ୱରିତ ଭାବେ ସମାଧାନ କରାଯାଇଛି।



# ଭୋଟର ତାଲିକା ସଂଶୋଧନ ପାଇଁ ବୈଠକ

ନୟାଗଡ଼,୨।୯(ଲୋକନାଥ ମିଶ୍ର)

ନୟାଗଡ଼ ଜିଲାପାଳଙ୍କ ସଦ୍ ଭାବନା ସଭାଗୃହରେ ଜିଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ୨୦୨୫କୁ ପ୍ରକାଶିତ ହେବାକୁ ଥିବା ଭୋଟର ତାଲିକାର ସଂଶୋଧନ, ନୂତନ ଭୋଟର ସଂଯୋଗୀକରଣ, ଭୋଟର ସ୍ଥାନାନ୍ତରୀକରଣ ଓ ଭୋଟର ଲିଷ୍ଟରୁ ମୃତ ଭୋଟରଙ୍କୁ ବାଦ୍ ଦେବା ଇତ୍ୟାଦି କାର୍ଯ୍ୟକ୍ରମ ଉପରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଯୋଗଦେଇ ଜିଲାପାଳ କହିଥିଲେ, ବୁଥସ୍ତରୀୟ ଅଧିକାରୀମାନଙ୍କ ଦ୍ୱାରା ଘରକୁ ଘର ବୁଲି ଭୋଟର ତାଲିକା ସଂଶୋଧନ ପୂର୍ବ ପ୍ରସ୍ତୁତି ଚାଲୁ ରହିଛି। ବାର୍ଷିକ ୪ଟି ସ୍ତରରେ ଜାନୁଆରୀ ୧, ଦ୍ୱିତୀୟ ଏପ୍ରିଲ୧, ତୃତୀୟ ଜୁଲାଇ ୧ ଏବଂ ଚତୁର୍ଥ ଅକ୍ଟୋବର ୧ ପର୍ଯ୍ୟନ୍ତ ୧୮ ବର୍ଷର ନୂତନ ଭୋଟରମାନେ ଭୋଟର ଲିଷ୍ଟରେ ସେମାନଙ୍କ ନାମ ପଞ୍ଜୀକରଣ କରିବା ପାଇଁ ଫର୍ମ-୬ରେ ଦରଖାସ୍ତ କରିପାରିବେ। ଯେଉଁ ଭୋଟରମାନେ ଭୋଟର ଲିଷ୍ଟରୁ ବାଦ୍ ପଡ଼ିବେ ସେମାନଙ୍କ ପାଇଁ ଫର୍ମ-୭ ବ୍ୟବହାର କରାଯିବ। ଯେଉଁ ଭୋଟରମାନେ ଭୋଟର ଲିଷ୍ଟରେ ସେମାନଙ୍କର ନାମ, ବୟସ, ସ୍ଥାନ ବା ଫଟୋ ଇତ୍ୟାଦି ଦେଇ ସଂଶୋଧନ କରିବାକୁ ଚାହୁଁଛନ୍ତି ସେମାନେ ଫର୍ମ-୮ ବ୍ୟବହାର କରିବେ। ଏ ନେଇ ଅକ୍ଟୋବର ୨୯ରୁ ନଭେମ୍ବର ୨୮ ପର୍ଯ୍ୟନ୍ତ ସମୟ ରଖାଯାଇଛି। ଏହି ସଂଶୋଧନ କାର୍ଯ୍ୟକ୍ରମରେ ରାଜନୈତିକ ଦଳର ବୁଥସ୍ତରୀୟ ଏଜେଣ୍ଟମାନେ ବୁଥସ୍ତରୀୟ ଅଧିକାରୀମାନଙ୍କୁ ସହଯୋଗ କରିବା ପାଇଁ ଜିଲାପାଳ ପରାମର୍ଶ ଦେଇଥିଲେ। ଏହା ବ୍ୟତୀତ ବୁଥସ୍ତରୀୟ ଅଧିକାରୀମାନେ ଏହି ସଂଶୋଧନ ନିମନ୍ତେ ନଭେମ୍ବର ୨, ନଭେମ୍ବର ୧୦, ନଭେମ୍ବର ୧୬ ଏବଂ ନଭେମ୍ବର ୨୪ତାରିଖରେ ୪ଟି ସ୍ୱତନ୍ତ୍ର ଅଭିଯାନ କରିବେ। ଯେଉଁଥିରେ ସେମାନେ ପୂର୍ବାହ୍ନ ୮ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ବୁଥ୍‌ରେ ଦରଖାସ୍ତ ଗ୍ରହଣ କରିବେ। ଏହି ବୈଠକରେ ଅତିରିକ୍ତ ଜିଲାପାଳ ରୋଜିନା ଦାଶ, ଉପଜିଲାପାଳ କର୍ଣ୍ଣଦେବ ସମାଦ୍ଦାର, ଡେପୁଟି କଲେକ୍ଟର (ନିର୍ବାଚନ) ଅଭିଜିତ ଷଡ଼ଙ୍ଗୀ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୁରେନ୍ଦ୍ର କୁମାର ସାହୁଙ୍କ ସହ ସମସ୍ତ ରାଜନୈତିକ ଦଳର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

# ଗଛଲତାରେ ଭର୍ତ୍ତି, ଅସୁରକ୍ଷିତ ସୁନାମୁହିଁ ଡ୍ୟାମ୍ ରାସ୍ତା



ଖଣ୍ଡପଡ଼ା,୨।୯
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା କ୍ଷୁଦ୍ର ଜଳସେଚନ ବିଭାଗ ଅଧୀନରେ ସହରାଞ୍ଚଳ ଉପକଣ୍ଠରେ ଥିବା ସୁନାମୁହିଁ ଡ୍ୟାମ୍‌ଟି ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର ରହିଛି। ଏହା ସୁନାମୁହିଁ ଡ୍ୟାମ୍‌କୁ ବର୍ଷତମାମ ପର୍ଯ୍ୟଟକଙ୍କ ସୁଅ ଛୁଟିଥାଏ। ବର୍ଷା ଋତୁରେ ସୁନାମୁହିଁ ଜଳ ପ୍ରପାତରୁ ପାଣି ତଳକୁ ପଡ଼ିବା ଦୃଶ୍ୟକୁ ଉପଭୋଗ କରିବା ନିମନ୍ତେ ସୁନାମୁହିଁ ଡ୍ୟାମ୍ ନିକଟରେ ଶହ ଶହ ଜନସାଧାରଣଙ୍କ ଭିଡ଼ ପରିଲକ୍ଷିତ ହୋଇଥାଏ। ତେବେ ଏହି ଡ୍ୟାମ୍‌କୁ ସଂଯୋଗ କରୁଥିବା ରାସ୍ତା ଏବେ ଅନାବନା ଗଛଲତା ମଧ୍ୟରେ ଲୁଚିବାକୁ ବସିଲାଣି। ରାସ୍ତାର ଉଭୟ ପାର୍ଶ୍ୱରେ ଗଛଲତା ଭରି ରହିଥିବା ଯୋଗୁ ବିଷଧର ସରୀସୃପମାନେ ସେଠାରେ ଏଣେତେଣେ ବିଚରଣ କରୁଥିବାରୁ ସାଧାରଣରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଡ୍ୟାମ୍ ରାସ୍ତାରୁ ଅନାବନା ଗଛଲତାକୁ ସଫା କରିବା ନିମନ୍ତେ କ୍ଷୁଦ୍ର ଜଳସେଚନ ବିଭାଗ କର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ଦାବି ହେଉଛି । ଏଥିପ୍ରତି ବିଭାଗୀୟ ସହକାରୀ ଯନ୍ତ୍ରୀ ଓ ଅଧୀକ୍ଷଣ ଯନ୍ତ୍ରୀ ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି । ଏ ସମ୍ପର୍କରେ ଖଣ୍ଡପଡା କ୍ଷୁଦ୍ର ଜଳସେଚନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଅଶ୍ୱିନୀ କୁମାର ଶାହାଙ୍କ ସହ ଯୋଗାଯୋଗ କରିବାରେ ସେଥିପ୍ରତି ସେ ଦୃଷ୍ଟି ଦେବେ ବୋଲି କହିଛନ୍ତି।

# ଗୋକୁଳାନନ୍ଦ ପୀଠ ଜଙ୍ଗଲ ରାସ୍ତାର ଆଲୋକୀକରଣ ଦାବି

ଖଣ୍ଡପଡ଼ା,୨।୯(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ୍ ଅଧୀନ ସିଧାମୂଳାସ୍ଥ ଗୋକୁଳାନନ୍ଦ ପୀଠ ଏବଂ ତତ୍‌ସଂଲଗ୍ନ ମଧୁକର୍ଣ୍ଣିକା ପାହାଡ଼ରେ ଅବସ୍ଥିତ ଇକୋ ଟୁରିଜମ ପରିବେଶ ପର୍ଯ୍ୟଟନସ୍ଥଳ କେନ୍ଦ୍ରକୁ ସଂଯୋଗ କରୁଥିବା ରାସ୍ତାରେ ଉଜ୍ଜ୍ୱଳ ଆଲୋକୀକରଣର ବ୍ୟବସ୍ଥା ନାହିଁ। ସନ୍ଧ୍ୟା ହେଲେ ଏହି ନିଛାଟିଆ ଜଙ୍ଗଲ ରାସ୍ତାଟି ସମ୍ପୂର୍ଣ୍ଣ ଅନ୍ଧାରରେ ରହୁଥିବାରୁ ଯାତାୟାତରେ ସମସ୍ୟା ସୃଷ୍ଟି ହେଉଛି। ଉକ୍ତ ପୀଠଟି କଟକ ଓ ନୟାଗଡ଼ ଜିଲା ସୀମାନ୍ତ ସିଧାମୂଳା ମହାନଦୀ ସେତୁ ନିକଟ ତଥା ମହାନଦୀ କୂଳରେ ଅବସ୍ଥିତ ରହିଥିବାବେଳେ ସିଧାମୂଳା ଶ୍ରୀରାମ ଛକଠାରୁ ପ୍ରାୟ ଦେଢ଼ କିଲୋ ମିଟର ସମ୍ପୂର୍ଣ୍ଣ ଜଙ୍ଗଲ ରାସ୍ତା ।

ରାତ୍ରିକାଳରେ ଉକ୍ତ ରାସ୍ତା ଦେଇ ଯିବାକୁ ମନରେ ଭୟ ସୃଷ୍ଟି କରିଥାଏ। ବନ ବିଭାଗ ପକ୍ଷରୁ ଉକ୍ତ ପୀଠରେ ସାମଗ୍ରିକ ବିକାଶ ନିମନ୍ତେ କୋଟି କୋଟି ଟଙ୍କାର ଅନୁଦାନ ଅର୍ଥ ଯୋଗାଇ ଦେଇଛନ୍ତି। ଅନୁଦାନ ଅର୍ଥରେ ପରିବେଶ ପର୍ଯ୍ୟଟନସ୍ଥଳରେ ପର୍ଯ୍ୟଟକମାନଙ୍କ ରହିବା ଓ ଆମୋଦ ପ୍ରମୋଦ ନିମନ୍ତେ ଅନେକ କିଛି ନୂତନ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇଛି। ମାତ୍ର ଗୋକୁଳାନନ୍ଦ ପୀଠକୁ ସଂଯୋଗ କରୁଥିବା ପାହାଡ଼ିଆ ଜଙ୍ଗଲ ରାସ୍ତା ଦେଇ ପର୍ଯ୍ୟଟନସ୍ଥଳକୁ ଯାଇଥିବା ରାସ୍ତାରେ ଏକାଧିକ ବିଦ୍ୟୁତ୍ ଖୁଣ୍ଟ ସ୍ଥାପନ କରାଯାଇଥିଲେ ହେଁ ସେଗୁଡ଼ିକରେ ଉଜ୍ଜ୍ୱଳ ଆଲୋକୀକରଣର ବ୍ୟବସ୍ଥା କରାଯାଇନାହିଁ। ଫଳରେ ରାତ୍ରିକାଳରେ ପର୍ଯ୍ୟଟକମାନେ ପାହାଡ଼ିଆ ରାସ୍ତା ଦେଇ ପରିବେଶ ପର୍ଯ୍ୟଟନସ୍ଥଳକୁ ଯାତାୟାତ ନିମନ୍ତେ ସୁରକ୍ଷିତ ମଣୁ ନାହାନ୍ତି। ଉକ୍ତ ମଧୁକର୍ଣ୍ଣିକା ପାହାଡ଼ ଓ ସଂଲଗ୍ନ ସଂରକ୍ଷିତ ଜଙ୍ଗଲରେ ବିଭିନ୍ନ ପ୍ରଜାତିର ବିଷଧର ସରୀସୃପ, ଭାଲୁ, ବାଘ୍ରା ପରି ହିଂସ୍ର ବନ୍ୟଜନ୍ତୁ ବାସ କରୁଛନ୍ତି।

ରାତ୍ରିକାଳରେ ଏହି ନିର୍ଜନ ରାସ୍ତା ଦେଇ ଯିବାବେଳେ ବିଷଧର ସରୀସୃପଗୁଡ଼ିକ ଏଣେତେଣେ ବିଚରଣ କରୁଥିବା ପରିଲକ୍ଷିତ ହେଉଛି। ବିଶେଷକରି ଏହି ରାସ୍ତା ମଧ୍ୟରେ ପର୍ଯ୍ୟଟକଙ୍କୁ ଲୁଟତରାଜ କରିବା ଅପରାଧୀମାନଙ୍କ ପାଇଁ ବେଶ୍ ବରଦାୟକ ପାଲଟିଛି। ତେଣୁ ପର୍ଯ୍ୟଟକମାନଙ୍କ ସୁରକ୍ଷିତ ଯାତାୟାତ ନିମନ୍ତେ ଉକ୍ତ ରାସ୍ତାରେ ଉଜ୍ଜ୍ୱଳ ଆଲୋକୀକରଣର ବ୍ୟବସ୍ଥା କରିବାକୁ ବିଭିନ୍ନ ମହଲରୁ ଦାବି ହେଉଛି। ଏଥିପ୍ରତି ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ, ନୟାଗଡ଼ ବନଖଣ୍ଡ ଅଧିକାରିଣୀ ଦୃଷ୍ଟି ଦେବାକୁ ଦାବି ହେଉଛି।


ଜଙ୍ଗଲିଆ ରାସ୍ତାରେ ଲାଇଟ ଲଗାଇବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି।

